# ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ

# ସୂଚନା

ଏହି ଧରାଧାମରେ ଶ୍ରୀଜଗନ୍ନାଥହିଁ ପୁରୁଷୋତ୍ତମ ତତ୍ତ୍ୱର ଜୀବନ୍ତ ପ୍ରତୀକ । ଏହି ତତ୍ତ୍ୱ ସର୍ବୋତ୍ତମ ପରମ ଅଖଣ୍ଡ ସଚ୍ଚିଦାନନ୍ଦଙ୍କ ସ୍ୱକୀୟ ମହିମା, ଯାହା ବେଦ, ଉପନିଷଦ୍, ଗୀତା ଓ ତନ୍ତ୍ରରେ ବ୍ୟାଖ୍ୟାତ ଓ ଲୋକ-ସମାଜରେ ପରିଚିତ । ଉତ୍କଳବାସୀ ଏହି ମହନ୍ ଅଧ୍ୟାତ୍ମ୍ ତତ୍ତ୍ୱର ପରମ୍ପରାରେ ଅଭିଷିକ୍ତ ଏବଂ ଏହାହିଁ ଉତ୍କଳର ଜାତୀୟ ଉତ୍‌ଥାନକୁ ଯୁଗେ ଯୁଗେ ସଞ୍ଜୀବିତ ଓ ପ୍ରଚୋଦିତ କରିଛି । ଏହି ଦିବ୍ୟ ଆଲୋକ ଓ ପରମ ସାନ୍ନିଧ୍ୟରେ ଆକୃଷ୍ଟ ହୋଇ ଶ୍ରୀଚୈତନ୍ୟଦେବ ତାଙ୍କ ଜୀବନର ଶେଷ ୨୪ ବର୍ଷ କାଳ ଶ୍ରୀକ୍ଷେତ୍ରରେ କଟାଇଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯେଉଁ ଅତିମାନସ ତତ୍ତ୍ୱ ବ୍ୟାଖ୍ୟାତ ହୋଇଛି ତାହାହିଁ ପୁରୁଷୋତ୍ତମତତ୍ତ୍ୱ । ଏହାର ପ୍ରକାଶକାଳ ସନ୍ନିକଟ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା-ପ୍ରଣାଳୀ ପ୍ରତି ଓଡ଼ିଶାରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି । ଯାହା ସଂଗୋପନରେ ଥିଲା ତାହା କୌଣସି ବାହ୍ୟ ସଂସ୍ପର୍ଶରେ ଯେପରି ଫୁଟି ଉଠୁଛି । ଏହି ବିଷୟରେ, ଏହି ପୁସ୍ତକରେ କିଞ୍ଚିତ୍ ଆଲୋଚନା କରାଯାଇଛି । ଏହାଛଡ଼ା ଅନ୍ୟାନ୍ୟ କେତେକ ଉପାଦେୟ ବିଷୟ ଦ୍ୱିତୀୟ ଓ ତୃତୀୟ ଭାଗରେ ମଧ୍ୟ ଆଲୋଚନା କରାଯାଇଛି ।

ଜନସାଧାରଣରେ ଏହି କ୍ଷୁଦ୍ର ପୁସ୍ତିକାଟି ଆଦୃତ ହେବ ବୋଲି ଆଶା କରୁ ।

— ପ୍ରକାଶକ

# ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ

### ପ୍ରଥମ ଭାଗ

## ଉତ୍କଳର ଧର୍ମ ପୁରୁଷୋତ୍ତମ ତତ୍ତ୍ୱ

ଉତ୍କଳର ବା ଓଡ଼ିଶାର ସ୍ୱଧର୍ମ ହେଉଛି ପୁରୁଷୋତ୍ତମ ଜଗନ୍ନାଥ ତତ୍ତ୍ୱ । ଉତ୍କଳବାସୀଙ୍କ ଅଜ୍ଞାତରେ ସେମାନଙ୍କ ଗଭୀର ଅନ୍ତଃସ୍ଥଳରେ ଏହାରି ପ୍ରଭାବ ନିହିତ ରହିଛି । ଏହି ବିଶାଳ ଅଧାମ୍ ଧର୍ମରେ ରହିଛି ସର୍ବଧର୍ମର ସମନ୍ୱୟ । ଏହି ପୁରୁଷୋତ୍ତମ ତତ୍ତ୍ୱପ୍ରାପ୍ତିହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଏବଂ ଭଗବାନଙ୍କର ସଂକଳ୍ପ । ପୃଥିବୀରେ ଏହି ପୁରୁଷୋତ୍ତମ ତତ୍ତ୍ୱ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଭଗବାନଙ୍କର ସୃଷ୍ଟିର ଲୀଳା । ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ ଶ୍ରୀଜଗନ୍ନାଥ । ପୁରୁଷୋତ୍ତମ ଧାମର ପ୍ରତୀକ ପୁରୀ । ଏହି ପୁରୁଷୋତ୍ତମ ତତ୍ତ୍ୱ ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ; ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବାରେ; ବ୍ୟକ୍ତି ହୁଏ ରୋଗ-ଜରା-ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ । ପ୍ରାପ୍ତ ହୁଏ ପୁରୁଷୋତ୍ତମ ତତ୍ତ୍ୱ ସହିତ ପୂର୍ଣ୍ଣ ଏକତ୍ୱ । ଅତିମାନସ ଶକ୍ତି ଦ୍ୱାରା ହୁଏ ପରିଚାଳିତ ।

ସତ୍-ଚିତ୍-ଆନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ସତ୍ୟ ଏବଂ ପରମବ୍ରହ୍ମ । ତାଙ୍କରି ସ୍ୱରୂପ ହେଉଛି ସଚ୍ଚିଦାନନ୍ଦ ଧାମ ତଥା ବୈକୁଣ୍ଠ, ଗୋଲୋକ, ସାକେତ ଇତ୍ୟାଦି ଦିବ୍ୟଲୋକ । ଏହିସବୁ ଦିବ୍ୟଧାମ ପରାର୍ଦ୍ଧ । ଏହାର ବିକୃତ ରୂପ ହେଲା ଅପରାର୍ଦ୍ଧ, ଉଚ୍ଚତର ପ୍ରାଣଲୋକ ବା ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ । ପରାର୍ଦ୍ଧରେ ଯେଉଁ ଦିବ୍ୟତତ୍ତ୍ୱ ପ୍ରକଟ, ସେହି ଦିବ୍ୟତତ୍ତ୍ୱ ଅପରାର୍ଦ୍ଧରେ ଗୁପ୍ତ ବା ପ୍ରଚ୍ଛନ୍ନରୂପେ ବିଦ୍ୟମାନ । ସଚ୍ଚିଦାନନ୍ଦ ଦିବ୍ୟତତ୍ତ୍ୱ ମଧ୍ୟ ମନୁଷ୍ୟ, ପଶୁ, ପକ୍ଷୀ, ଜଡ଼ ମଧ୍ୟରେ ନିହିତ । ଅର୍ଥାତ୍ ସଚ୍ଚିଦାନନ୍ଦ ତତ୍ତ୍ୱ ବା ଦିବ୍ୟଧାମ ଏହି ଜଡ଼ ପୃଥିବୀ ଏବଂ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ''ଯାହା ପିଣ୍ଡେ, ତାହାହିଁ ବ୍ରହ୍ମାଣ୍ଡେ ।''

## ପୁରୁଷୋତ୍ତମ ତତ୍ତ୍ୱର ସ୍ୱରୂପ

ସତ୍-ଚିତ୍-ଆନନ୍ଦ ପରମବ୍ରହ୍ମଙ୍କର ରୂପ ମନରେ କଳ୍ପନା କରିହୁଏ ନାହିଁ, ସ୍ଥୂଳରୂପେ ଦେଖାଯାଏ ନାହିଁ । ସେ ହେଉଛନ୍ତି ସତ୍-ଚିତ୍-ଆନନ୍ଦ ସ୍ୱରୂପ । ତାଙ୍କରି ପ୍ରତୀକ ଶ୍ରୀଜଗନ୍ନାଥ ହୋଇଥିବାରୁ ତାଙ୍କର କୌଣସି ରୂପ ନାହିଁ । ଅର୍ଥାତ୍ ହସ୍ତ, ପଦ ନାହିଁ । ସେ ଅବତାର ନୁହନ୍ତି, ଅବତାରଙ୍କ ସୃଷ୍ଟି ତାଙ୍କରିଠାରୁ । ତାଙ୍କରିଠାରୁ ନାରାୟଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବାମନ, ନୃସିଂହ ଆଦି ସଗୁଣରୂପେ ଅବତାର ନିଅନ୍ତି । ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହୋଇଥିବାରୁ ସେ ଶ୍ରୀରାମ, ଶ୍ରୀକୃଷ୍ଣ ଆଦି-ଅବତାରରୂପ ଧାରଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ କେବେ ବି ଅନ୍ୟାନ୍ୟ ଅବତାର କିଂବା ଜଗନ୍ନାଥଙ୍କ ରୂପ ଧାରଣ କରନ୍ତି ନାହିଁ । ନାରାୟଣ, ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ଇଷ୍ଟରୂପେ ଗ୍ରହଣ କରିଥିବା ସମସ୍ତ ସଂପ୍ରଦାୟର ସନ୍ଥ ତଥା ଭଗବାନଙ୍କୁ ନିରାକାରରୂପେ ଗ୍ରହଣ କରିଥିବା ଅଦ୍ୱୈତ ସନ୍ଥମାନେ ଶ୍ରୀଜଗନ୍ନାଥଙ୍କୁ ଅଭେଦଭାବେ ଗ୍ରହଣ କରନ୍ତି । ବୈଷ୍ଣବ ସମ୍ପ୍ରଦାୟରେ ବିଶେଷତଃ ନାରାୟଣଙ୍କୁ ଇଷ୍ଟ ମାନିଥିବା ରାମାନୁଜୀ ବୈଷ୍ଣବମାନେ ଅନ୍ୟ କୌଣସି ଇଷ୍ଟ ବା ଭଗବତ୍ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ବୈଷ୍ଣବ ସନ୍ଥଙ୍କ ଦ୍ୱାରା ନିବେଦିତ ପ୍ରସାଦ ଗ୍ରହଣ କରନ୍ତି ନାହିଁ । କିନ୍ତୁ ପୁରୀର ମହାପ୍ରସାଦ ଅବର୍ଣ୍ଣ ବ୍ୟକ୍ତିଙ୍କ ହାତରୁ ବି ଗ୍ରହଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ଉପାସକମାନେ ଯଦ୍ୟପି ବୈଷ୍ଣବ ସମ୍ପ୍ରଦାୟର ଚାପରେ ନିଜ ନିଜ ଇଷ୍ଟ ବ୍ୟତୀତ ଭଗବାନଙ୍କର ଅନ୍ୟ ବିଗ୍ରହଙ୍କ ପ୍ରସାଦ ରାମାନୁଜୀ ବୈଷ୍ଣବଙ୍କ ସଦୃଶ ପ୍ରକାଶ୍ୟରେ ବର୍ଜନ କରନ୍ତି ନାହିଁ, ତଥାପି ଅନ୍ତରରେ ଭେଦଭାବ ପୋଷଣ କରିଥାନ୍ତି । କିନ୍ତୁ ପୁରୀ-କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ

ମହାପ୍ରସାଦରେ ଭେଦଭାବର ଚିହ୍ନ ବର୍ଣ୍ଣ ନ ଥାଏ । କାରଣ ସଚ୍ଚିଦାନନ୍ଦ ସମସ୍ତ ଅବତାରର ମୂଳ ସତ୍ୟ । ସେଠାରେ ଜାତି, ବର୍ଣ୍ଣ, ଧର୍ମର କଳ୍ପନା ନ ଥାଏ । ଭାରତରେ ବର୍ଣ୍ଣଧର୍ମର କଠୋରତା ଥିବା ସମୟରେ ଅର୍ଥାତ୍ ଦକ୍ଷିଣରେ ବ୍ରାହ୍ମଣମାନେ ଅବର୍ଣ୍ଣଙ୍କ ଛାୟା ସ୍ପର୍ଶ ନ କରୁଥିବା ସମୟରେ ମଧ୍ୟ ପୁରୀ-କ୍ଷେତ୍ରରେ ଅବର୍ଣ୍ଣ ହାତରୁ ଶ୍ରୋତ୍ରୀୟ ବ୍ରାହ୍ମଣ ପ୍ରସାଦ ଗ୍ରହଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ, ନାରାୟଣାଦି ଭଗବାନଙ୍କ କୌଣସି ବିଗ୍ରହଙ୍କ କ୍ଷେତ୍ରରେ ଏପରି ବର୍ଣ୍ଣ-ଅଭେଦତା ନାହିଁ । ଅନ୍ୟ ପକ୍ଷରେ ଭାରତବର୍ଷରେ ଭଗବାନଙ୍କ ବଦ୍ରିନାରାୟଣ, ରାମେଶ୍ୱର, ଦ୍ୱାରକା ଆଦି ଧାମମାନଙ୍କରେ ଅନ୍ୟାନ୍ୟ ସମ୍ପ୍ରଦାୟର ଆଚାର୍ଯ୍ୟମାନେ ମଠ ସ୍ଥାପନା କରି ନାହାନ୍ତି, କରିଛନ୍ତି ପୁରୀରେ । ଅଦ୍ୱୈତ ସମ୍ପ୍ରଦାୟର ଆଚାର୍ଯ୍ୟ ଶଙ୍କର, ବୈଷ୍ଣବ ଆଚାର୍ଯ୍ୟ ରାମାନୁଜ ଏଠାରେ ମଠ ସ୍ଥାପନା କରିଛନ୍ତି । ନିମ୍ବାର୍କ ଏବଂ ମାଧବାଚାର୍ଯ୍ୟ ତଥା ଶ୍ରୀସମ୍ପ୍ରଦାୟର ଅନ୍ୟତମ ଆଚାର୍ଯ୍ୟ ରାମାନନ୍ଦଙ୍କ ସମ୍ପ୍ରଦାୟର ମଠ ମଧ୍ୟ ଏଠାରେ ବିଦ୍ୟମାନ । ମାଧବାଚାର୍ଯ୍ୟଙ୍କ ସମ୍ପ୍ରଦାୟର ପ୍ରଧାନ ସଂସ୍ଥାପକ ଶ୍ରୀଚୈତନ୍ୟ ମହାପ୍ରଭୁ ଜୀବନର ଅର୍ଦ୍ଧେକ, ସାଧନାର ସମସ୍ତ ସମୟ, ଶେଷ ଜୀବନ ପର୍ଯ୍ୟନ୍ତ ୨୪ ବର୍ଷ ପୁରୀରେ ବ୍ୟତୀତ କରିଛନ୍ତି । ଏହାଛଡ଼ା ତନ୍ତ୍ର ଏବଂ ବୌଦ୍ଧ ତଥା ଅନ୍ୟାନ୍ୟ ପନ୍ଥାବଲମ୍ବୀ ସାଧୁସନ୍ଥ ପୁରୀକୁହିଁ ବିଶେଷରୂପେ ସମ୍ମାନ କରନ୍ତି । ପୁରୀ ସଚ୍ଚିଦାନନ୍ଦ ଧାମର ପ୍ରତୀକ ଯୋଗୁଁ ସେଠାରେ ସର୍ବ ଅଧ୍ୟାତ୍ମ-ଧର୍ମର ସମାବେଶ ଏବଂ ସମନ୍ୱୟ ହୋଇଛି ।

ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦତତ୍ତ୍ୱର ପ୍ରତୀକ ହେବାର ଅନ୍ୟ କାରଣ ହେଲା – ତାଙ୍କୁ ସମସ୍ତ ଅବତାର ତଥା ଶକ୍ତିଙ୍କ ମନ୍ତ୍ର ଦ୍ୱାରା ଭୋଗ ନିବେଦନ କରାଯାଏ । ମନ୍ଦିରରେ ମହାପ୍ରସାଦ ନିବେଦିତ ହେବା ସମୟରେ ମନ୍ଦିରର ବେଢ଼ା ଅନ୍ତର୍ଗତ ଭିନ୍ନ ଭିନ୍ନ ମନ୍ଦିରସ୍ଥ ଦେବତା, ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଲକ୍ଷ୍ମୀ, ଦୁର୍ଗା ଏବଂ ଅନ୍ୟାନ୍ୟ ଦେବାଦେବୀମାନଙ୍କୁ ପ୍ରସାଦ-ସେବନ ସକାଶେ ଜଣେ ସେବକ ଯାଇ ପ୍ରତ୍ୟେକ ମନ୍ଦିର ସମ୍ମୁଖରେ ଝାଞ୍ଜ ବଜାଇ ନିମନ୍ତ୍ରଣ କରନ୍ତି । ବହୁତ ଦେବତାଙ୍କ ମନ୍ତ୍ରରେ ଶ୍ରୀଜଗନ୍ନାଥଙ୍କୁ ଭୋଗ-ନିବେଦନ କରିବା, ଭୋଗ-ନିବେଦନ ସମୟରେ ଅନ୍ୟାନ୍ୟ ଦେବାଦେବୀଙ୍କୁ ନିମନ୍ତ୍ରଣ କରିବାର ଅର୍ଥ ହୋଇପାରେ ଜଗନ୍ନାଥ ସଚ୍ଚିଦାନନ୍ଦତତ୍ତ୍ୱ, ସମସ୍ତ ରୂପରେ ପ୍ରକଟ ହୋଇ ଅଛନ୍ତି, ସମସ୍ତଙ୍କ ମୂଳ କାରଣ ସେହି । କୌଣସି ମନ୍ତ୍ରରେ ଆରାଧନା କଲେ ତତ୍ତ୍ୱତଃ ତାଙ୍କୁହିଁ ପ୍ରାପ୍ତ ହୁଏ । ଏହାଛଡ଼ା ଅନ୍ୟାନ୍ୟ ଅବତାରଙ୍କୁ ଯେଉଁସବୁ ବିଶିଷ୍ଟ ଦିନମାନଙ୍କରେ ବିଶେଷ ପୂଜା କରାଯାଏ ଏବଂ ମନ୍ଦିରରେ ବିଶେଷ ଉତ୍ସବ କରାହୁଏ, ତାହାସବୁ ବିଧି-ବିଧାନ ପୂର୍ବକ ପାଳିତ ହୁଏ ପୁରୀ-କ୍ଷେତ୍ରରେ । ଏହିପରି ବହୁତ କର୍ମ, ପୂଜା-ପଦ୍ଧତିରୁ ସ୍ପଷ୍ଟ ବୁଝାଯାଏ ଯେ, ଶ୍ରୀଜଗନ୍ନାଥ ହେଲେ ସତ୍-ଚିତ୍-ଆନନ୍ଦଙ୍କର ପ୍ରତୀକ । ଏହାକୁ ସମର୍ଥନ କରିଛି ଶାସ୍ତ୍ର ପୁରାଣ, ଋଷି, ମୁନି, ମହାପୁରୁଷଙ୍କ ବାଣୀ । କିନ୍ତୁ ଏହାର ସମୟ ଆସି ନ ଥିବାରୁ ଆମ୍ଭମାନଙ୍କ ଚେତନାରେ ଏହି ଗୁପ୍ତ ରହସ୍ୟ ସ୍ପଷ୍ଟ ହୋଇ ନାହିଁ । ସ୍ପଷ୍ଟ ହୋଇଛି କେବଳ ଅନ୍ତରସ୍ଥ ସତ୍ୟର ବାହ୍ୟରୂପ, ସତ୍ୟ ଯୁଗର ଧାମ ବଦ୍ରିକାଶ୍ରମ, ତ୍ରେତାର ଧାମ ରାମେଶ୍ୱର, ଦ୍ୱାପରର ଧାମ ଦ୍ୱାରକା, କଳିର ଧାମ ପୁରୀ-କ୍ଷେତ୍ରରୂପେ ।

ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦ ତତ୍ତ୍ୱ ହେବାର ଅନ୍ୟ କାରଣ ହେଲା – କଳି ପରେ ଆସେ ସତ୍ୟଯୁଗ । ଉଭୟ ଯୁଗରେ ଥାଏ ଘନିଷ୍ଠ ସମ୍ବନ୍ଧ । କଳି ପରେ ସତ୍ୟ ଯୁଗରେ ଯେଉଁ ଧର୍ମ ପ୍ରକାଶ ହୁଏ ବା କ୍ରିୟାଶୀଳ ହୁଏ, କଳିରେ ବ୍ୟକ୍ତିର ଅଜ୍ଞାତରେ, ତା'ର ମନ-ପ୍ରାଣର ଆବରଣ ପଶ୍ଚାତରେ, ତା'ର ଅନ୍ତଶ୍ଚେତନାରେ ଥାଏ ତାହାରି ପ୍ରଭାବ । ବ୍ୟକ୍ତି ଅଜ୍ଞାତରେ ଅଗ୍ରସର ହୁଏ ସେହି ସତ୍ୟ ଆଡ଼କୁ । ଏହି କାରଣରୁ ସ୍ପଷ୍ଟରୂପେ ଜଣାଯାଏ ଯେ ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କର ପ୍ରତୀକ, ପୁରୀକ୍ଷେତ୍ର ସଚ୍ଚିଦାନନ୍ଦ ଧାମର ପ୍ରତୀକ ।

## ପୁରୁଷୋତ୍ତମ ଧର୍ମରେ ବ୍ୟାପକତା

ଓଡ଼ିଶାବାସୀଙ୍କର ଧର୍ମ ହେଉଛି ବ୍ୟାପକ, ପୁରୁଷୋତ୍ତମ ଧର୍ମ । ରାଜା ଅନୁସାରେ ପ୍ରଜାର ଧର୍ମ ହୁଏ । ଯଥାର୍ଥରେ ଓଡ଼ିଶାରେ ରାଜା ହେଉଛନ୍ତି ଜଗନ୍ନାଥ । ପୁରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ପ୍ରକଟ ହେବା ସମୟରୁ ପୁରୀ ରାଜା ସମସ୍ତ ରାଜ୍ୟ

ଶ୍ରୀଜଗନ୍ନାଥଙ୍କ ଚରଣରେ ନିବେଦନ କରିଥିଲେ । ସେ ରାଜ୍ୟ-ଶାସନ କରୁଥିଲେ ଶ୍ରୀଜଗନ୍ନାଥଙ୍କ ସେବକରୂପେ । ପୁରୀର ପୂର୍ବ ରାଜାମାନେ ଶ୍ରୀଜଗନ୍ନାଥଙ୍କ ସେବାକୁହିଁ ଜୀବନର ପ୍ରଧାନ କର୍ତ୍ତବ୍ୟରୂପେ ଗ୍ରହଣ କରିଥିଲେ । ରଥଯାତ୍ରା ସମୟରେ ରାଜା ସ୍ୱୟଂ ଛେରା-ପହଁରା କରନ୍ତି ଅର୍ଥାତ୍ ଝାଡୁ ଲଗାନ୍ତି । ଶ୍ରୀଜଗନ୍ନାଥଙ୍କ ଭୋଗର ସୀମା ନାହିଁ । ପ୍ରତିଦିନ ନୀତି ନିୟମରୂପେ ଯେତେ ଭୋଗ ଲାଗେ ତାହା ଦଶହଜାର ବ୍ୟକ୍ତି ଭୋଜନ କରିପାରନ୍ତି । ସେଥିରେ ଥାଏ ବିବିଧ ପ୍ରକାର ଭୋଗ । ଶ୍ରୀଜଗନ୍ନାଥଙ୍କ ସେବକ ଅସଂଖ୍ୟ । ପ୍ରତ୍ୟେକ ସେବକଙ୍କ ନିର୍ଦ୍ଦିଷ୍ଟ ସେବା । ରଖାଯାଇଥିବା କୌଣସି ଦ୍ରବ୍ୟ ଉଠାଇ ପୂଜାରୀଙ୍କ ହାତକୁ ଦେବା ସେବକର କାମ ଅନ୍ୟ କେହି କରିପାରିବେ ନାହିଁ, ରଖାଯାଇଥିବା ଚନ୍ଦନ କଟରା ସେହି ନିର୍ଦ୍ଦିଷ୍ଟ ସେବକ ଉଠାଇ ପୂଜାରୀଙ୍କ ହାତକୁ ଦେବେ । ଏପରିକି ଗୋଟିଏ ସ୍ଥାନରେ ଥିବା ସେବାବସ୍ତୁ ନିର୍ଦ୍ଦିଷ୍ଟ ସେବକ ଛଡ଼ା ଅନ୍ୟ କେହି ଉଠାଇ ଅନ୍ୟ ସ୍ଥାନରେ ରଖିପାରିବେ ନାହିଁ । ଏହା ଏକେବାରେ ନିର୍ଦ୍ଦିଷ୍ଟ, କଠୋର ନିୟମ ସମସ୍ତ ସେବକମାନଙ୍କ ପ୍ରତି । କିନ୍ତୁ ରାଜାଙ୍କ ପ୍ରତି ଏ ନିୟମ ନୁହେଁ । ରାଜା ଏକା ସମସ୍ତ ସେବକର ସେବା କରିପାରନ୍ତି । ଆଜି ପର୍ଯ୍ୟନ୍ତ ରାଜାଙ୍କର ସେହିସବୁ ନିୟମ ପ୍ରଚଳିତ ଅଛି । ରାଜାଙ୍କୁ କୁହାଯାଏ ଠାକୁର-ରାଜା । ଅର୍ଥାତ୍ ଉତ୍କଳର ଯଥାର୍ଥ ରାଜା ଠାକୁର (ଜଗନ୍ନାଥ) । ପୁରୀ ରାଜା ତାଙ୍କର ପ୍ରତିନିଧିରୂପେ ଶାସନ କରନ୍ତି । ପୂର୍ବେ ସେ ଥିଲେ ଉତ୍କଳର ଚକ୍ରବର୍ତ୍ତୀ ରାଜା । ଉତ୍କଳର ସମସ୍ତ ରାଜ୍ୟ ଥିଲା ତାଙ୍କ ଅଧୀନରେ । ସୁତରାଂ ରାଜା ଜଗନ୍ନାଥଙ୍କ ଭକ୍ତ ଥିବାରୁ ତାଙ୍କର ଥିଲା ଜଗନ୍ନାଥ ଧର୍ମ । ସେ ସମୟରେ ପ୍ରଜାମାନେ ଅନୁସରଣ କରୁଥିଲେ ରାଜାଙ୍କୁ । 'ରାଜାଙ୍କ ଧର୍ମ ଅନୁସାରେ ପ୍ରଜାଙ୍କ ଧର୍ମ ହେଉଥିଲା ।' ଏହି ନ୍ୟାୟରେ ଉତ୍କଳବାସୀଙ୍କର ଥିଲା ଜଗନ୍ନାଥ ଧର୍ମ । ଏହା ସେମାନଙ୍କ ଚେତନାରେ ବ୍ୟାପକ ଭାବେ ପରମ୍ପରାରୁ ପ୍ରତିଷ୍ଠିତ ହୋଇଛି । ସେମାନଙ୍କ ବାହ୍ୟ ଚେତନାରେ ଯଦ୍ୟପି ଏହି ରହସ୍ୟ ପ୍ରକାଶ ବା ସ୍ପଷ୍ଟ ହୋଇ ନାହିଁ, ତଥାପି ଆରମ୍ଭରୁ ସେମାନେ ଏହି ବ୍ୟାପକ ଧର୍ମର ପ୍ରକାଶ-ମାର୍ଗରେ ଅଜ୍ଞାତରୂପେ ଅଗ୍ରସର ହେଉଛନ୍ତି ।

ଭାରତରେ ଯେବେ ଯେବେ ଅବତାର ବା ଆଚାର୍ଯ୍ୟମାନେ ଆସି ଅଧ୍ୟାତ୍ମ ଧର୍ମର ପ୍ରସାର କରିଛନ୍ତି, ତାହା ସବୁ ଓଡ଼ିଶାବାସୀ ଅକ୍ଳେଶରେ ଗ୍ରହଣ କରିଛନ୍ତି । କିନ୍ତୁ ଅନ୍ୟାନ୍ୟ ପ୍ରଦେଶ ସଦୃଶ ସେହି ଅଧ୍ୟାତ୍ମ ଧର୍ମର ସୀମାରେ ବନ୍ଦୀ ହୋଇ ପଡ଼ିରହି ନାହାନ୍ତି । ଏପର୍ଯ୍ୟନ୍ତ ଯେଉଁ ଅଧ୍ୟାତ୍ମ ଧର୍ମ ପ୍ରସାର ହୋଇଛି ତାହା ସତ୍ୟ ଉପଲବ୍ଧିର ଶେଷସୀମା ନୁହେଁ, ସତ୍-ଚିତ୍-ଆନନ୍ଦର ପୂର୍ଣ୍ଣ ସତ୍ୟକୁ ଉପଲବ୍ଧି କରିବା ସକାଶେ କର୍ମ-ବିବର୍ତ୍ତନର ମଧ୍ୟବର୍ତ୍ତୀ ଅବସ୍ଥା ଅଥବା ପ୍ରସ୍ତୁତି ମାତ୍ର । ସମୟ ଆସି ନ ଥିବାରୁ ଏହି ରହସ୍ୟ ପ୍ରକଟ ହୋଇପାରି ନାହିଁ । ସେହି ସାମୟିକ ଅଧ୍ୟାତ୍ମ ଧର୍ମକୁ ଜୀବନର ଶେଷ ବା ଚରମ ଲକ୍ଷ୍ୟ ବୋଲି ମାନି ନିଆହୋଇଛି । ଓଡ଼ିଶାବାସୀଙ୍କ ବାହ୍ୟ-ଚେତନାରେ ଏହା ଯଦ୍ୟପି ଅସ୍ପଷ୍ଟ ଅଛି, ତଥାପି ତାଙ୍କ ଆନ୍ତର ପ୍ରଦେଶରେ ପୁରୁଷୋତ୍ତମ ବ୍ୟାପକ ଧର୍ମ ପ୍ରତିଷ୍ଠିତ ଥିବାରୁ ସେମାନେ ପୂର୍ବ ପ୍ରଚଳିତ ଧର୍ମରେ ଆବଦ୍ଧ ହୋଇ ତାକୁ ଜାବୁଡ଼ି ଧରି ରହି ନାହାନ୍ତି ।

କଳି ପରେ ଆସେ ସତ୍ୟ ଯୁଗ । ପୂର୍ବେ କୁହାଯାଇଛି, ପୃଥିବୀରେ ଧାମ ସବୁ ପରାର୍ଦ୍ଧ ଦିବ୍ୟଲୋକର ପ୍ରତୀକ । ଯେଉଁ ଦିବ୍ୟଲୋକ ପ୍ରତୀକରୂପେ ଏହି ପୃଥିବୀରେ ପ୍ରକାଶ ହୁଏ, ତାହା ଯେତେ ବିକୃତ ହେଲେ ମଧ୍ୟ ସେଥିରେ ମୂଳଗତ ତତ୍ତ୍ୱ ନିହିତ ଥାଏ । ଧାମ ଦୁଇ ଭାଗରେ ବିଭକ୍ତ — ଯଥା : ଧାମ ଓ କ୍ଷେତ୍ର । ଅବତାରମାନେ ଯେଉଁ ସ୍ଥାନରେ ଜନ୍ମଗ୍ରହଣ କରନ୍ତି ତାକୁ କୁହାଯାଏ କ୍ଷେତ୍ର । ଯେଉଁ ସ୍ଥାନରେ ଅଧିକ ଦିନ ନିବାସ କରନ୍ତି ତା'ର ନାମ ଧାମ । ବଦ୍ରିକାଶ୍ରମରେ ନାରାୟଣ ଜନ୍ମଗ୍ରହଣ କରି ନ ଥିଲେ, ସେଠାରେ ତପସ୍ୟା କରିଥିଲେ ଏବଂ ଆଜି ପର୍ଯ୍ୟନ୍ତ ବିରାଜମାନ ଅଛନ୍ତି । ସେ ଅନ୍ୟତ୍ର ଜନ୍ମଗ୍ରହଣ ନ କରିଥିବାରୁ ବଦ୍ରିକାଶ୍ରମ ହେଲା ଧାମ ଏବଂ କ୍ଷେତ୍ର ଉଭୟ । ସେହିପରି ଜଗନ୍ନାଥ ଓ ପୁରୀ । ଶ୍ରୀଜଗନ୍ନାଥ ପୁରୀରେ ପ୍ରକଟ ହୋଇ ସେହିଠାରେ ପ୍ରତିଷ୍ଠିତ ହେବାରୁ ତାହାହିଁ ହେଲା ପୁରଷୋତ୍ତମ ଧାମ ଏବଂ ପୁରୁଷୋତ୍ତମ କ୍ଷେତ୍ର । କିନ୍ତୁ ଶ୍ରୀରାମ, ଶ୍ରୀକୃଷ୍ଣ, ଗୋଟିଏ ସ୍ଥାନରେ ପ୍ରକଟ ହୋଇ ନାହାନ୍ତି । ଅବତାର ନେଇଛନ୍ତି । ଶ୍ରୀରାମ ଅବତାର ନେଲେ ଅଯୋଧ୍ୟାରେ, ଶେଷ ପର୍ଯ୍ୟନ୍ତ ନିବାସ କଲେ ଅଯୋଧ୍ୟାରେ । ଅଯୋଧ୍ୟା ଯଥାର୍ଥରେ ଧାମ ଏବଂ କ୍ଷେତ୍ର । କିନ୍ତୁ ସେ ଥିଲେ ଗାର୍ହସ୍ଥ୍ୟ ଧର୍ମର ପ୍ରବର୍ତ୍ତକ । ପାଳନ କରିଥିଲେ ଗାର୍ହସ୍ଥ୍ୟ ଧର୍ମକୁ ନିଖୁଣ ରୂପେ । ଗାର୍ହସ୍ଥ ଧର୍ମ ଅନୁସାରେ ଭଗବତ୍ ଉପାସନା ଆବଶ୍ୟକ । ଗାର୍ହସ୍ଥ୍ୟ ବ୍ୟକ୍ତି ଭଗବାନଙ୍କ ସଗୁଣ ରୂପ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁଙ୍କୁ ଅଥବା ଶିବଙ୍କୁ

ଉପାସନା କରନ୍ତି । ଶ୍ରୀରାମ ସ୍ୱୟଂ ଥିଲେ ସଚ୍ଚିଦାନନ୍ଦ ବିଷ୍ଣୁଙ୍କ ସ୍ୱରୂପ । ସେ ନିଜକୁ ଇଷ୍ଟରୂପେ ପୂଜା ନ କରି ଶିବଙ୍କୁ ପୂଜା କଲେ । ଅନ୍ୟ କାରଣ ହେଉଛି ବ୍ୟକ୍ତି ମୋହବଶତଃ ଶିବ, ବିଷ୍ଣୁ ଉପାସନାରେ ବିରୋଧ କରନ୍ତି; ତାହା ଦୂର କରିବା ସକାଶେ ସେ ରାମେଶ୍ୱରରେ ଶିବଲିଙ୍ଗ ସ୍ଥାପନା କରି ପୂଜା କରିଥିଲେ । ଯଦ୍ୟପି ସେ ନିବାସ କଲେ ଶେଷଲୀଳା ଅବଧି ଅଯୋଧ୍ୟାରେ, ତଥାପି ସେ ରାମେଶ୍ୱରକୁ ସ୍ଥାପନା କରିଥିବାରୁ ରାମେଶ୍ୱରକୁହିଁ ତ୍ରେତାର ଧାମ ବୋଲି ମାନ୍ୟକଲେ । ଶ୍ରୀରାମଙ୍କ ସ୍ୱୀକୃତି ଯୋଗୁଁ ତ୍ରେତାର ଧାମ ହେଲା ରାମେଶ୍ୱର । ଅଯୋଧ୍ୟା ହେଲା କ୍ଷେତ୍ର । ଯଥାର୍ଥରେ ଅଯୋଧ୍ୟା ଧାମ ଏବଂ କ୍ଷେତ୍ର । ସାକେତରେ ଶ୍ରୀରାମ ପ୍ରତିଷ୍ଠିତ । ଅଯୋଧ୍ୟା ସାକେତର ପ୍ରତୀକ ହୋଇଥିବାରୁ ସେଠାରେ ହୁଏ କେବଳ ରାମ ଉପାସନା ।

ବୃନ୍ଦାବନ ଗୋଲୋକର ପ୍ରତୀକ । ବୃନ୍ଦାବନରେ ଶ୍ରୀକୃଷ୍ଣ ଅବତାର ହୋଇଥିଲେ । ବୃନ୍ଦାବନ ହେଉଛି କ୍ଷେତ୍ର । ସେ ନିବାସ କଲେ ଦ୍ୱାରକାରେ । ଦ୍ୱାରକା ହେଲା ଧାମ । ଧାମ ଏବଂ କ୍ଷେତ୍ର ଉଭୟହିଁ ଦିବ୍ୟ ମୂଳଭୂମି ଗୋଲୋକର ପ୍ରତୀକ ।

ଏହି ଉଭୟ ଧାମ ଏବଂ କ୍ଷେତ୍ରରେ ମୂଳ ଦିବ୍ୟ ଲୋକ ଗୋଲୋକର ଧର୍ମ ରହିଲା ଶ୍ରୀକୃଷ୍ଣଙ୍କ ଉପାସନା ।

କଳିରେ ସଚ୍ଚିଦାନନ୍ଦ-ଲୋକର ପ୍ରତୀକ ପୁରୀ । ପୁରୀରେ ସଚ୍ଚିଦାନନ୍ଦ ତତ୍ତ୍ୱ ଜଗନ୍ନାଥଙ୍କ ରୂପରେ ପ୍ରକଟ ହୋଇଥିବାରୁ ପ୍ରତୀକରୂପେ ସଚ୍ଚିଦାନନ୍ଦ ଧାମ ଏବଂ କ୍ଷେତ୍ର ହେଲା ପୁରୀ । ସେଠାରେ ରହିଲା ସଚ୍ଚିଦାନନ୍ଦଙ୍କ ବ୍ୟାପକ ଧର୍ମ । ସଚ୍ଚିଦାନନ୍ଦ ଧର୍ମରେହିଁ ସମସ୍ତ ଅଧ୍ୟାତ୍ମଧର୍ମର ସମନ୍ୱୟ ।

ସତ୍-ଚିତ୍-ଆନନ୍ଦ ଧାମ ହେଉଛି ସର୍ବୋପରେ । ଏହି ଧାମର ଅନ୍ତର୍ଗତ ବୈକୁଣ୍ଠ, ସାକେତ, ଗୋଲୋକ ଏବଂ କୈଳାସ । ଭଗବାନ୍ ପରଂବ୍ରହ୍ମ ସଚ୍ଚିଦାନନ୍ଦ ସୃଷ୍ଟି କରିବାକୁ ସଂକଳ୍ପ କରିବା ମାତ୍ରେ ସେହିଁ ପ୍ରକଟ ହେଲେ ବୈକୁଣ୍ଠରେ ନାରାୟଣ ରୂପେ, ସାକେତରେ ଶ୍ରୀରାମ ରୂପେ, ଗୋଲୋକରେ ଶ୍ରୀକୃଷ୍ଣ ରୂପେ, କୈଳାସରେ ଶିବ ରୂପେ । ଏହିସବୁ ସଚ୍ଚିଦାନନ୍ଦଙ୍କ ସାକାର ବିଗ୍ରହ, ସଚ୍ଚିଦାନନ୍ଦଙ୍କ ସହିତ ଅଭେଦ ଏକ । ବୈକୁଣ୍ଠ, ସାକେତ, ଗୋଲୋକ, କୈଳାସ ଧାମ ମଧ୍ୟ ଦିବ୍ୟ ଏବଂ ସଚ୍ଚିଦାନନ୍ଦ ଧାମ ସହିତ ତତ୍ତ୍ୱତଃ ଏକ । ପୃଥିବୀର କ୍ରମବିକାଶକୁ ଅଗ୍ରସର କରାଇବା ସକାଶେ ଆବଶ୍ୟକତା ଅନୁସାରେ ସାକେତବାସୀ ଶ୍ରୀରାମ କେବେ ରାମ ରୂପରେ ଅବତାର ନିଅନ୍ତି; ଗୋଲୋକବାସୀ ଶ୍ରୀକୃଷ୍ଣ କେବେ ବୃନ୍ଦାବନରେ ଅବତାର ନିଅନ୍ତି, କେବେ ବୈକୁଣ୍ଠବାସୀ ନାରାୟଣ, କେବେ ସ୍ୱୟଂ ସଚ୍ଚିଦାନନ୍ଦ ଶ୍ରୀରାମ, ଶ୍ରୀକୃଷ୍ଣ ରୂପେ ଅବତାର ନିଅନ୍ତି । ସତ୍ୟ, ତ୍ରେତା, ଦ୍ୱାପର, କଳି ବାରଂବାର ହୁଏ, ଭଗବାନ୍ ପ୍ରତି ଯୁଗରେ ବାରଂବାର ଅବତାର ନିଅନ୍ତି । ଏହାହିଁ ପୃଥିବୀରେ ସଚ୍ଚିଦାନନ୍ଦଙ୍କୁ ପୂର୍ଣ୍ଣରୂପେ ପ୍ରକଟ କରିବାର ପଦ୍ଧତି ବା କ୍ରମବିକାଶର ପନ୍ଥା । କାରଣ ସଚ୍ଚିଦାନନ୍ଦଙ୍କର ସୃଷ୍ଟି କରିବାର ଉଦ୍ଦେଶ୍ୟ ବା ସଂକଳ୍ପ ହେଉଛି ଏହି ପୃଥିବୀରେ ନିଜକୁ ଏବଂ ନିଜ ଧାମକୁ ପ୍ରକଟ କରିବା । ବିକାଶ ଆରମ୍ଭ ହେଲା ସ୍ଥୂଳ ଜଡ଼ରୁ । ପ୍ରକୃତି ଦ୍ୱାରା ବିକାଶକୁ ଧାରଣ କଲେ ଭଗବାନ୍ । କିନ୍ତୁ ବିକାଶକୁ ଦ୍ରୁତ କରାଇବା ସକାଶେ ତାଙ୍କୁ ଅବତାର ନେଇ ଏହି ପୃଥିବୀକୁ ଆସିବାକୁ ହେଲା । ଜଡ଼ରୁ ମନର ବିକାଶ ପର୍ଯ୍ୟନ୍ତ ଅଜ୍ଞାନ ସ୍ତର । ଏଥିରେ ପ୍ରାଧାନ୍ୟ ଅଜ୍ଞାନ ଅନ୍ଧକାର ଶକ୍ତିର । ଏହି ଅଜ୍ଞାନ ସ୍ତରରେ କ୍ରମବିକାଶକୁ ଅଗ୍ରସର କରାଇବା ସକାଶେ ଯେଉଁ ସତ୍ୟ ପୃଥିବୀକୁ ଆସେ ତା'ର କାର୍ଯ୍ୟ ଶେଷ ହେବାର କିଛିଦିନ ପରେ ଅନ୍ଧକାର ଶକ୍ତି ତାକୁ ଆବୃତ କରିଦିଏ, ସେ ଆଉ କ୍ରିୟାଶୀଳ ହୋଇପାରେ ନାହିଁ, ଏହାରି ନାମ ଧର୍ମର ହ୍ରାସ । ପୁନଶ୍ଚ ଭଗବାନ୍ ଅବତାର ନେଇ ବିକାଶ ଅନୁସାରେ ନୂତନ ସ୍ତରର ଧର୍ମ ପ୍ରକାଶ କରନ୍ତି । କିନ୍ତୁ ଏହି ଅଜ୍ଞାନ ସ୍ତରର ବିକାଶ ଚାଲୁଥିବାରୁ ବ୍ୟକ୍ତିର ଚେତନାରେ ସୃଷ୍ଟିର ରହସ୍ୟ ଏହି ଜଗତରେ ଦିବ୍ୟମାନବ-ଜାତି ସ୍ଥାପନା, ସଚ୍ଚିଦାନନ୍ଦ ପୂର୍ଣ୍ଣବ୍ରହ୍ମଙ୍କ ପୂର୍ଣ୍ଣ ପ୍ରକାଶ ରହେ ଗୁପ୍ତ । ସେହି କାରଣରୁ ଏକ ଭଗବାନଙ୍କ ଭିନ୍ନ ଭିନ୍ନ ଅବତାର ମଧ୍ୟରେ ତଥା ଭଗବତ୍ ତତ୍ତ୍ୱକୁ ପ୍ରକାଶ କରୁଥିବା ଭିନ୍ନ ଭିନ୍ନ ଧର୍ମରେ ହୁଏ ଅସାମଞ୍ଜସ୍ୟ ବା ବିରୋଧ ।

ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରକଟ ହୁଏ କଳି ଶେଷରେ । ତା'ର ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ମା' ସେହି ଶକ୍ତି ଦ୍ୱାରା ଅଭୀପ୍ସୁ ବ୍ୟକ୍ତିଙ୍କ ମନ,

ପ୍ରାଣ, ଶରୀରକୁ ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବା କାର୍ଯ୍ୟ କରାଉଛନ୍ତି । ମନୁଷ୍ୟର ମନ, ପ୍ରାଣ, ଶରୀର ରୂପାନ୍ତର ହେଲେ ତା' ମଧ୍ୟରେ ପ୍ରକାଶ ହେବ ସଚ୍ଚିଦାନନ୍ଦ ପରଂବ୍ରହ୍ମ । ସେ ହେବ ଅଜ୍ଞାନ ଅନ୍ଧକାର ଶକ୍ତି ତଥା ରୋଗ-ଜରା-ମୃତ୍ୟୁ କବଳରୁ ପୂର୍ଣ୍ଣମୁକ୍ତ । ଏକତ୍ୱ ସ୍ଥାପନ କରିବ ଭଗବାନଙ୍କ ସହିତ । ପରିଚାଳିତ ହେବ ଭଗବତୀ ଅତିମାନସ ଶକ୍ତି ଦ୍ୱାରା । ପୃଥିବୀ ହେବ ବୈକୁଣ୍ଠ । ଏହି ମର୍ତ୍ତ୍ୟ ଏବଂ ଦିବ୍ୟ ଲୋକରେ ଥିବା ବ୍ୟବଧାନରେ ହେବ ସେତୁ । ସମସ୍ତ ଦିବ୍ୟଲୋକ ଉତରି ଆସିବ ଏହି ମୃତ୍ୟୁପୁରୀକୁ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ଆଡ଼କୁ ପ୍ରତ୍ୟେକ ପ୍ରାଣୀ ଅଜ୍ଞାତରୂପେ ଭଗବାନଙ୍କ ସଂକଳ୍ପ ଅନୁସାରେ ପ୍ରକୃତି ଦ୍ୱାରା ପରିଚାଳିତ ହେଉଛନ୍ତି । କଳି ଶେଷ ଅବସ୍ଥାରେ । ସଂସାରର ବ୍ୟକ୍ତି ଅଜ୍ଞାନ ମୋହରେ ଏହାର ରହସ୍ୟ ନ ଜାଣି ଏହି ସତ୍ୟକୁ ପ୍ରକାଶ୍ୟରେ ଗ୍ରହଣ କରିବା ପରିବର୍ତ୍ତେ ବିରୋଧ ସୃଷ୍ଟି କରୁଛନ୍ତି । ବିରୋଧ କରନ୍ତି ଦୁଇ ଶ୍ରେଣୀର ବ୍ୟକ୍ତି । ଗୋଟିଏ ଶ୍ରେଣୀର ବ୍ୟକ୍ତି, ଯେଉଁମାନେ ଭଗବାନଙ୍କ ଅସ୍ତିତ୍ୱକୁ ଏକେବାରେ ସ୍ୱୀକାର କରନ୍ତି ନାହିଁ, କେବଳ ଭୌତିକ ସ୍ଥୂଳ ବସ୍ତୁର ସତ୍ୟତା ସ୍ୱୀକାର କରନ୍ତି । ଅନ୍ୟ ଶ୍ରେଣୀର ବ୍ୟକ୍ତି ଭଗବତ୍ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି, କିନ୍ତୁ ପୂର୍ବ ଅଧ୍ୟାତ୍ମବାଦ ଅଭ୍ୟାସ, ସଂସ୍କାରଗତ ସାମ୍ପ୍ରଦାୟିକ ସୀମାରେ ଏପରି କଠୋରଭାବେ ବନ୍ଦି ହୋଇଥା'ନ୍ତି ଯେ ସେଥିରୁ ମୁକ୍ତ ହୋଇପାରନ୍ତି ନାହିଁ । ସେହି ସୀମା ମଧ୍ୟରେ ସତ୍ୟର ପ୍ରକାଶ ଅଭାବରୁ ହାତ ଉଣ୍ଡାଳି ବୁଲୁଥା'ନ୍ତି । ଏହି ସ୍ଥିତି ବର୍ତ୍ତମାନ ଭାରତବର୍ଷ ତଥା ସମଗ୍ର ସଂସାରରେ । ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆଣି ରୂପାନ୍ତର କାର୍ଯ୍ୟ କରୁଛନ୍ତି । ମନୁଷ୍ୟ ମଧ୍ୟରେ ଜ୍ଞାନ ଆନନ୍ଦ ସ୍ୱରୂପ ଅତିମାନସ ଚେତନା ଅଭିବ୍ୟକ୍ତି ଲାଭ କରିବ । ସେ ଜ୍ଞାନ, ଆନନ୍ଦ, ପରମ ଶାନ୍ତିରେ ବିଭୂଷିତ ହେବ । ସେ ହେବ ଦିବ୍ୟ ମାନବ । ସଂସାର ହେବ ଦିବ୍ୟ, ଭଗବାନଙ୍କ ଆବାସଭୂମି । ଏହାକୁହିଁ ପ୍ରତ୍ୟେକ ଅଧ୍ୟାତ୍ମ, ଧାର୍ମିକ ତଥା ଅନ୍ୟ ସମସ୍ତ ଶ୍ରେଣୀର ବ୍ୟକ୍ତି ଚାହୁଁଛନ୍ତି । ସେମାନଙ୍କର ଅନ୍ତରର ଅସ୍ପଷ୍ଟ ଚାହିଁବା ସେମାନଙ୍କ ମନ ପ୍ରାଣରେ ସ୍ପଷ୍ଟ ହୋଇ ନ ଥିବାରୁ ସେମାନେ ଏହି ନୂତନ ଅତିମାନସ ସତ୍ୟକୁ ଗ୍ରହଣ କରିପାରୁ ନାହାନ୍ତି । କିନ୍ତୁ ଏଥିରୁ ସାମାନ୍ୟ ପରିମାଣରେ ମୁକ୍ତ ଅଛି ଓଡ଼ିଶା । ଅଜ୍ଞାତରେ ତା' ଚେତନାରେ ପରମ୍ପରାନୁସାରେ ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରତିଷ୍ଠିତ ଥିବାରୁ ସେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରତି କିଛି ଅଂଶରେ ଆକୃଷ୍ଟ ହୋଇଛି । ଯେଉଁ ସଚ୍ଚିଦାନନ୍ଦ ଅତିମାନସ-ବିଜ୍ଞାନ-ଅଧ୍ୟାତ୍ମ ଧର୍ମ ପୃଥିବୀରେ ପ୍ରକାଶ କରିବା ସକାଶେ ସ୍ୱୟଂ ପରମବ୍ରହ୍ମ ପରମାତ୍ମା ସୃଷ୍ଟି କରିଅଛନ୍ତି, ସେହି ଲକ୍ଷ୍ୟ ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । କ୍ରମବିକାଶ ଦୁଃଖ-କଷ୍ଟପୂର୍ଣ୍ଣ ଦୀର୍ଘ ସମୟକୁ ଲଘୁ କରିବା ସକାଶେହିଁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଅଛନ୍ତି । ଏହି କାରଣରୁ ପୂର୍ବ ଅଧ୍ୟାତ୍ମ ଯୋଗ ସଦୃଶ ଶ୍ରୀଅରବିନ୍ଦଙ୍କ ଯୋଗ ସାମ୍ପ୍ରଦାୟିକ ନୁହେଁ । ଏହାକୁ ସମସ୍ତ ବ୍ୟକ୍ତି, ସମସ୍ତ ଅଧ୍ୟାତ୍ମ ସମ୍ପ୍ରଦାୟ, ସମସ୍ତ ଧର୍ମ ସମ୍ପ୍ରଦାୟ ଗ୍ରହଣ କରି ପାରନ୍ତି । ପୃଥିବୀରେ ଦିବ୍ୟମାନବ, ପୃଥିବୀରେ ଦିବ୍ୟ-ଧାମ ପ୍ରତିଷ୍ଠା ପ୍ରତ୍ୟେକ ବ୍ୟକ୍ତିର କାମ୍ୟ ।

ପ୍ରଶ୍ନ : ଆପଣ କହିଲେ,''ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ ଶ୍ରୀଜଗନ୍ନାଥ ଏବଂ ଉତ୍କଳବାସୀଙ୍କ ଅଜ୍ଞାତରେ ସେମାନଙ୍କ ଅନ୍ତଃସ୍ଥଳ ଚେତନାରେ ବ୍ୟାପକ ସର୍ବସମନ୍ୱୟକାରୀ ସଚ୍ଚିଦାନନ୍ଦ ଆଧ୍ୟାତ୍ମିକତତ୍ତ୍ୱ ନିହିତ ଅଛି'', ତେବେ ସେମାନେ ଜଗନ୍ନାଥଙ୍କୁ ଉପାସନା କଲେ ସେମାନଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ହୋଇ ପାରିବ, ସେମାନେ ସଚ୍ଚିଦାନନ୍ଦ ତତ୍ତ୍ୱକୁ ଉପଲବ୍ଧି କରି ପାରିବେ, ସେମାନଙ୍କର ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାର ଆବଶ୍ୟକତା କ'ଣ ?

ଉତ୍ତର : ଶ୍ରୀଜଗନ୍ନାଥ କେତେ ହଜାର ବର୍ଷରୁ ଉତ୍କଳରେ ପ୍ରକଟ ହୋଇ ଅଛନ୍ତି । କେତେକ ଉତ୍କଳବାସୀ ଶ୍ରୀଜଗନ୍ନାଥଙ୍କୁ ଉପାସନା କରି ଆସୁଛନ୍ତି; କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ଉପାସନା କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ହୋଇଛି ଏବଂ ସେମାନେ ସତ୍-ଚିତ୍-ଆନନ୍ଦଙ୍କୁ ଉପଲବ୍ଧି କରି ପାରିଛନ୍ତି ? ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ । ବର୍ତ୍ତମାନ ସଚ୍ଚିଦାନନ୍ଦ ପ୍ରକାଶ ହୋଇ ନାହାନ୍ତି । ସେ ପ୍ରକାଶ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଯୋଗରେ । ସେହି ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ଆବଶ୍ୟକ ।

ସଚ୍ଚିଦାନନ୍ଦ ଉପଲବ୍ଧ ହୁଅନ୍ତି କେବଳ ଅତିମାନସ-ବିଜ୍ଞାନ ଚେତନାରେ । ସେହି ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ହୁଏ । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସଚ୍ଚିଦାନନ୍ଦ ପ୍ରକଟ ହୁଅନ୍ତି । ଅତିମାନସ ଶକ୍ତିର

କ୍ରିୟା ବ୍ୟତୀତ ମନୁଷ୍ୟର ମନ-ପ୍ରାଣ-ଶରୀରର ରୂପାନ୍ତର ଏବଂ ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ଏକେବାରେ ଅସମ୍ଭବ । ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହେବାର ଅର୍ଥ ସଚ୍ଚିଦାନନ୍ଦଙ୍କ ମୂଳ ସତ୍ୟ ଏବଂ ଗୁଣ-ଧର୍ମ ସେଥିରେ ଥାଏ ଅପ୍ରକାଶ୍ୟ । ବ୍ୟକ୍ତି ପ୍ରତୀକରେ ଯଦ୍ୟପି ମୂଳ ସତ୍ୟ ଉପଲବ୍ଧି କରିପାରେ ନାହିଁ, ତଥାପି ଅଜ୍ଞାତରେ ସେଥିରେ ପ୍ରଭାବିତ ହୁଏ । ଏହାହିଁ ହୋଇଛି ଉତ୍କଳବାସୀଙ୍କର । ସେମାନଙ୍କ ଚେତନାରେ କିଛି ଅଂଶରେ ଏହି ସତ୍ୟର ପ୍ରଭାବ ପଡ଼ିଛି । ସେହି ସକାଶେ ସେମାନଙ୍କ ଚେତନାରେ ସାମାନ୍ୟ କିଛି ବ୍ୟାପକତା ଆସିଛି । ସଚ୍ଚିଦାନନ୍ଦ ପ୍ରାପ୍ତିର ବିକାଶମାର୍ଗରେ ଯେତେବେଳେ ବୌଦ୍ଧ, ତନ୍ତ୍ର, ଅଦ୍ୱୈତ, ବୈଷ୍ଣବ ଆଦି ଅଧ୍ୟାତ୍ମ-ଧର୍ମର ପ୍ରଚାର ହୋଇଛି ସେତେବେଳେ ସେମାନେ ସହର୍ଷେ ଗ୍ରହଣ କରିଛନ୍ତି । କିନ୍ତୁ ସେଥିରେ ଅନ୍ୟାନ୍ୟ ପ୍ରାନ୍ତର ବ୍ୟକ୍ତିଙ୍କ ତୁଲ୍ୟ ଆବଦ୍ଧ ହୋଇ ରହି ନାହାନ୍ତି । ଏହାର ପ୍ରମାଣ ସ୍ୱରୂପ ଉତ୍କଳରେ ବିଶେଷରୂପେ ସମସ୍ତ ଅଧ୍ୟାତ୍ମ-ଧର୍ମ ଯଥାଯଥ ସମୟରେ ପ୍ରସାର ଲାଭ କରିପାରିଛି । ଏହାର ନିଦର୍ଶନ ସ୍ୱରୂପ ଖଣ୍ଡଗିରି, ଉଦୟଗିରି ତଥା ଅନ୍ୟାନ୍ୟ ସ୍ଥାନରେ ରହିଛି ଜୈନ ଏବଂ ବୌଦ୍ଧ ଗୁମ୍ଫାମାନ, ତନ୍ତ୍ରର ନିଦର୍ଶନ ସ୍ୱରୂପ ଉତ୍କଳର ମନ୍ଦିରମାନଙ୍କରେ ରହିଛି ଅଶ୍ଳୀଳ ଚିତ୍ର ଏବଂ ପ୍ରତିମା । ଅଦ୍ୱୈତବାଦୀ ଆଚାର୍ଯ୍ୟ ଶଙ୍କରଙ୍କର ସ୍ଥାପିତ ପ୍ରଧାନ ଚାରିମଠ ମଧ୍ୟରୁ ପ୍ରଧାନ ମଠ ଅଛି ପୁରୀରେ । ସେହି ପୁରୀରେହିଁ ସବୁ ସମ୍ପ୍ରଦାୟର ବୈଷ୍ଣବଙ୍କ ମଠ । ଉତ୍କଳବାସୀଙ୍କ ମଧ୍ୟରେ ପୁରୁଷୋତ୍ତମ ତତ୍ତ୍ୱର ବ୍ୟାପକତାର ପ୍ରଭାବ ଥିବାରୁ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ସ୍ୱୀକାର କରି ପାରୁଛନ୍ତି । ଏହାହିଁ ସେମାନଙ୍କର ତଥା ପ୍ରତ୍ୟେକ ମନୁଷ୍ୟର ନିଜସ୍ୱ । ଏହି ସତ୍ୟର ଉପଲବ୍ଧି ସକାଶେ ଭଗବାନଙ୍କର ସୃଷ୍ଟି । ବର୍ତ୍ତମାନ ବ୍ୟକ୍ତି ଏହି ରହସ୍ୟ ବୁଝି ନ ପାରି ପୂର୍ବ ଅଧ୍ୟାତ୍ମ-ସମ୍ପ୍ରଦାୟର ଧର୍ମ ସଦୃଶ ଶ୍ରୀଅରବିନ୍ଦଙ୍କ ସର୍ବସମନ୍ୱୟକାରୀ ରୂପାନ୍ତର-ଯୋଗକୁ ବି ମନେ କରୁଛନ୍ତି । ଏହାର ସମୟ ଆସିଛି । ସମସ୍ତ ସଂସାର ସମ୍ମୁଖରେ ଏହି ସତ୍ୟ ଉଦ୍‌ଘାଟିତ ହେବ ।

ପୁରୀ ହେଉଛି ପୁରୁଷୋତ୍ତମ କ୍ଷେତ୍ର । ସେହି ପୁରୁଷୋତ୍ତମ ଧାମକୁ ଆଜି ବି ପୁରଷୋତ୍ତମ ନାମରେ ଲୋକେ କହନ୍ତି ।

## ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ପରମବ୍ରହ୍ମଙ୍କ ବିଗ୍ରହ

ପ୍ରଶ୍ନ : ପରାତ୍ପର ସଚ୍ଚିଦାନନ୍ଦ ପରମବ୍ରହ୍ମଙ୍କର ମୂର୍ତ୍ତି ବା ବିଗ୍ରହ ଅଥବା ପ୍ରତୀକ ଶ୍ରୀଜଗନ୍ନାଥ, ଏହାର ପ୍ରମାଣ କ'ଣ ?

ଉତ୍ତର : ଏହାର ପ୍ରମାଣ ହେଉଛି ଶ୍ରୀଜଗନ୍ନାଥଙ୍କ ବିଗ୍ରହର ନାମ ଏବଂ ଧାମର ନାମ । ଏହାକୁ ସମର୍ଥନ କରୁଛି ପ୍ରତ୍ୟକ୍ଷ ବ୍ୟବହାର କର୍ମ ତଥା ଶାସ୍ତ୍ର ।

ଶ୍ରୀଜଗନ୍ନାଥଙ୍କୁ କୁହାଯାଏ ଦାରୁବ୍ରହ୍ମ; ସେ ଯେଉଁ ସ୍ଥାନରେ ବିରାଜମାନ କରି ଅଛନ୍ତି ସେ ସ୍ଥାନର ନାମ ପୁରଷୋତ୍ତମ । ଅର୍ଥାତ୍ ପୁରୁଷୋତ୍ତମ କ୍ଷେତ୍ରର ଅପଭ୍ରଂଶ ପୁରଷୋତ୍ତମ ବା ପୁରୀକ୍ଷେତ୍ର ।

ଶ୍ରୀରାମ, ଶ୍ରୀକୃଷ୍ଣ, ନାରାୟଣ, ଶିବ — ଏସବୁ ବ୍ରହ୍ମଙ୍କ ସଗୁଣ ରୂପ; ଏହିସବୁ ସଗୁଣ ଭଗବାନଙ୍କ ବିଗ୍ରହକୁ ବ୍ରହ୍ମ କୁହାଯାଏ ନାହିଁ । ଶ୍ରୀଜଗନ୍ନାଥ ଭଗବାନଙ୍କର କୌଣସି ସଗୁଣ ରୂପର ପ୍ରତୀକ ବା ରୂପ ନୁହନ୍ତି, ସାକ୍ଷାତ୍ ସଚ୍ଚିଦାନନ୍ଦ ପୁରୁଷୋତ୍ତମଙ୍କର ମୂର୍ତ୍ତି ବା ବିଗ୍ରହ, ସେହି ସକାଶେ ତାଙ୍କୁ ଦାରୁବ୍ରହ୍ମ କୁହାଯାଏ ।

ଦ୍ୱିତୀୟ ହେଲା, ଶ୍ରୀଜଗନ୍ନାଥଙ୍କ ବିଗ୍ରହ । ବ୍ରହ୍ମଙ୍କର ରୂପ ମନରେ କଳ୍ପନା କରିହୁଏ ନାହିଁ । କେବଳ ଅତିମାନସ ଚେତନାରେ ଉପଲବ୍ଧି କରିହୁଏ । ବ୍ରହ୍ମସ୍ୱରୂପ — ଏକହିଁ ସମୟରେ ନିରାକାର ଏବଂ ତାହାର ବିପରୀତ ସାକାର, ସେହି ଏକହିଁ ସମୟରେ ସେ ସାକାର ଓ ନିରାକାର ଉର୍ଦ୍ଧ୍ୱରେ ପୁରୁଷୋତ୍ତମ ପରମବ୍ରହ୍ମ । ମନ ସୀମିତ ଥିବା ସତ୍ତ୍ୱେ ବସ୍ତୁ ନିରୂପଣ କରିବା ତା'ର ଧର୍ମ । ମନ ଚେତନାରେ ଆମ୍ଭେ ବ୍ରହ୍ମ ବିଚାର କରିବାକୁ ଗଲେ କହିବା, ବ୍ରହ୍ମଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ । ତାଙ୍କୁ ସାକାର ବି କହିବା, ନିରାକାର ବି କହିବା । ଯଥାର୍ଥରେ ସେ ଏହି ଉଭୟ ରୂପାରୂପର ଉର୍ଦ୍ଧ୍ୱରେ । ଶ୍ରୀଜଗନ୍ନାଥ ବ୍ରହ୍ମଙ୍କ ସ୍ୱରୂପ ଥିବାରୁ ତାଙ୍କ ବିଗ୍ରହର ରୂପ ପୂର୍ଣ୍ଣ ନୁହେଁ । ଅର୍ଥାତ୍ ହସ୍ତ ଓ ପଦ ନ ଥିବାରୁ ତାଙ୍କୁ କୌଣସି ନିର୍ଦ୍ଦିଷ୍ଟ ରୂପ କହିପାରିବା ନାହିଁ, କିନ୍ତୁ ସ୍ଥୂଳ ମୂର୍ତ୍ତି ଥିବାରୁ ତାଙ୍କୁ ଅରୂପ ବି କହିପାରିବା ନାହିଁ । ଶ୍ରୀଜଗନ୍ନାଥ

ପୁରୁଷୋତ୍ତମ ପରମବ୍ରହ୍ମଙ୍କ ବିଗ୍ରହ ଥିବାରୁ ସେ ରୂପ ଏବଂ ଅରୂପର ଊର୍ଦ୍ଧ୍ୱରେ । ଶ୍ରୀଜଗନ୍ନାଥଙ୍କ ବିଗ୍ରହ, ନାମ ତଥା ଧାମରୁ ପ୍ରମାଣ ହୁଏ ଯେ ଶ୍ରୀଜଗନ୍ନାଥ ପରମବ୍ରହ୍ମଙ୍କ ମୂର୍ତ୍ତି ।

ତୃତୀୟ ହେଲା,ଏକ ବ୍ରହ୍ମ ସୃଷ୍ଟିରୂପ ହୋଇଛନ୍ତି ଏବଂ ସୃଷ୍ଟିକୁ ପରାର୍ଦ୍ଧ ଓ ଅପରାର୍ଦ୍ଧ ଦୁଇଭାଗରେ ବିଭକ୍ତ କରିଛନ୍ତି, ଅପରାର୍ଦ୍ଧ ଠିକ୍ ଅବିକଳ ପରାର୍ଦ୍ଧର ବିକୃତ ରୂପ । ଏହାକୁ ଶାସ୍ତ୍ର, ପୁରାଣ, ବେଦ, ଉପନିଷଦ୍ ପ୍ରତିପାଦନ କରିଛି; ଏହାକୁ ସନ୍ଥ, ମହାତ୍ମା, ମହାପୁରୁଷ ତଥା ଅବତାର ମଧ୍ୟ ସମର୍ଥନ କରିଛନ୍ତି । ଏହା ଯଥାର୍ଥ ସତ୍ୟ । ଏହାକୁ ପ୍ରତ୍ୟକ୍ଷରୂପେ ପ୍ରମାଣ କରୁଛି କ୍ରମବିକାଶ । ଏହିସବୁ ସତ୍ୟ ଏବଂ ପ୍ରତ୍ୟକ୍ଷ ଘଟନା ଦୃଷ୍ଟିରୁ ପରାର୍ଦ୍ଧର ସମସ୍ତ ବସ୍ତୁ ଏହି ଅପରାର୍ଦ୍ଧରେ ପ୍ରତୀକରୂପେ ବିଦ୍ୟମାନ । ଏହିସବୁ କାରଣରୁ ସ୍ପଷ୍ଟହୁଏ, ଶ୍ରୀଜଗନ୍ନାଥ ପରମବ୍ରହ୍ମଙ୍କ ପ୍ରତୀକ ଏବଂ ପୁରୀ ସଚ୍ଚିଦାନନ୍ଦ ଲୋକର ପ୍ରତୀକ ।

ଯଦି ବେଦ, ଉପନିଷଦ୍ ତଥା ଏହିସବୁ ପ୍ରତ୍ୟକ୍ଷ ଘଟଣା ବିଶ୍ୱାସ ନ କର, ତେବେ ଆସିବ ଅନୀଶ୍ୱରବାଦ । 'ଅନୀଶ୍ୱର' ଶବ୍ଦହିଁ ପ୍ରମାଣ କରେ 'ଈଶ୍ୱର' । 'ଈଶ୍ୱର' ଯଦି କୌଣସି ସତ୍ୟ ନୁହନ୍ତି, ତେବେ ତାଙ୍କୁ ଅସତ୍ୟ କହିବାର ଆବଶ୍ୟକତା କ'ଣ ? ଅସତ୍ୟ କହିବାହିଁ ହେଲା ସତ୍ୟର ପ୍ରମାଣ ।

ଏହି ବିଷୟଟିକୁ ସଂକ୍ଷେପରେ କହିବା ଉଦ୍ଦେଶ୍ୟରେ ଏତିକିରେ ସମାପ୍ତ କରାହେଲା ।

ଏହିସବୁ ଆଲୋଚନାରୁ ସ୍ପଷ୍ଟ ହେଲା, ଉତ୍କଳବାସୀଙ୍କର ଜଗନ୍ନାଥ ଧର୍ମ ସେମାନଙ୍କ ଚେତନାରେ ପ୍ରତିଷ୍ଠିତ ହୋଇଛି । ସେହି କାରଣରୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଧ୍ୟାତ୍ମ-ସିଦ୍ଧାନ୍ତ କ୍ରମବିକାଶକୁ ସାହାଯ୍ୟ କରିବା ସକାଶେ ପୃଥିବୀରେ କ୍ରିୟାଶୀଳ ହେବା ସମୟରେ ସେମାନେ ତାହା ଗ୍ରହଣ କରିଛନ୍ତି; କିନ୍ତୁ ସେଥିରେ ଆବଦ୍ଧ ହୋଇ ନାହାନ୍ତି । ଅଜ୍ଞାତରୂପେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛନ୍ତି । ବର୍ତ୍ତମାନ ଜୀବନର ଲକ୍ଷ୍ୟ ସ୍ପଷ୍ଟ ଭାବେ ଜାଣିବା ତଥା ପ୍ରାପ୍ତ ହେବାର ସମୟ ଆସିଛି । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଯାହାଙ୍କୁ ଦାରୁବ୍ରହ୍ମ ରୂପେ ପୂଜା କରି ଆସୁଅଛନ୍ତି ତାଙ୍କରି ଯେଉଁ ଯଥାର୍ଥ ସ୍ୱରୂପ ସାକ୍ଷାତ୍ ପୁରୁଷୋତ୍ତମ ପରମବ୍ରହ୍ମ ତତ୍ତ୍ୱ ତାହା ଉପଲବ୍ଧି କରିବେ । ଏହାରି ଉପଲବ୍ଧିରେହିଁ ହେବ ନୂତନ ସତ୍ୟଯୁଗ । ସେଥିରେ ପ୍ରତିଷ୍ଠା ହେବେ ଅତିମାନବଜାତି । ସାକ୍ଷାତ୍‌ଭାବେ ପ୍ରକାଶ ହେବେ ସଚ୍ଚିଦାନନ୍ଦ ପରମବ୍ରହ୍ମ ।

ପ୍ରଶ୍ନ : ତୁମ୍ଭର ଉତ୍ତର ଯୁକ୍ତିଯୁକ୍ତ ପ୍ରତୀତ ହେଉଛି । କିନ୍ତୁ ରାଜାଙ୍କର ଉଦ୍ଦେଶ୍ୟ ଥିଲା ସର୍ବାଙ୍ଗସୁନ୍ଦର ପରିପୂର୍ଣ୍ଣ ମୂର୍ତ୍ତି ପ୍ରତିଷ୍ଠା କରିବା ସକାଶେ । କିନ୍ତୁ ମୂର୍ତ୍ତି ତିଆରି କରୁଥିବା କାରିଗର ବା ବଢ଼େଇଙ୍କ କହିବା ଅନୁସାରେ ମୂର୍ତ୍ତି ତିଆରି ହେବା କାଷ୍ଠ ସହିତ କାରିଗରଙ୍କୁ ଗୋଟିଏ ବନ୍ଦ ଗୃହରେ ରଖାହେଲା ଏବଂ ନିର୍ଦ୍ଦିଷ୍ଟ ଦିନରେ ଗୃହର ଦ୍ୱାର ଖୋଲିବାର ନିର୍ଦ୍ଧାରଣ କରାହେଲା । ମହାରାଣୀ ତଥା ଅନ୍ୟ ଲୋକଙ୍କ କହିବା ଯୋଗୁଁ ବୃଦ୍ଧ କାରିଗରର ମୃତ୍ୟୁ ହୋଇଥିବା ଆଶଙ୍କାରେ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ରାଜା ଦ୍ୱାର ଖୋଲିଦେଲେ । ସେଠାରେ କାରିଗରକୁ ପାଇଲେ ନାହିଁ, କିନ୍ତୁ ବିଗ୍ରହଙ୍କର ହସ୍ତ, ପଦ, ଅଙ୍ଗୁଳି ନିର୍ମାଣ ହୋଇ ନ ଥିଲା । ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ରାଜା ଅଧୈର୍ଯ୍ୟ ହୋଇ ଦ୍ୱାର ଖୋଲାଇ ଦେବାରୁ ମୂର୍ତ୍ତି ଅପୂର୍ଣ୍ଣ ରହିଲେ, ଜଗନ୍ନାଥଙ୍କୁ ସଚ୍ଚିଦାନନ୍ଦଙ୍କ ପ୍ରତୀକ କହିବାର ସୁଯୋଗ ତୁମ୍ଭଙ୍କୁ ମିଳିଲା ।

ଉତ୍ତର : ଏହାର କାରଣ ରାଜାଙ୍କ ଅଧୀରତା ନୁହେଁ, କିଂବା ଜଗନ୍ନାଥଙ୍କୁ ସଚ୍ଚିଦାନନ୍ଦଙ୍କ ପ୍ରତୀକ ବା ମୂର୍ତ୍ତି କହିବାର ସୁଯୋଗ ନୁହେଁ । ମୂର୍ତ୍ତି ଅପୂର୍ଣ୍ଣ ରହିବା ଭଗବତ୍ ଅଦୃଶ୍ୟ ଶକ୍ତିର ପ୍ରେରଣା ଏବଂ ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହେବା ଯଥାର୍ଥ, ଯୁକ୍ତିଯୁକ୍ତ ତଥା ଶାସ୍ତ୍ରସମ୍ମତ । ଏହା ଯେପରି ଅକାଟ୍ୟ ଯୁକ୍ତି ସେହିପରି ଶାସ୍ତ୍ରର ପ୍ରମାଣ ।

ପ୍ରଶ୍ନ : ପୁରୀ ପୁରୁଷୋତ୍ତମ ଧାମ, ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତିମା, ବିଷୟ କେଉଁ ଶାସ୍ତ୍ରରେ ବର୍ଣ୍ଣନା କରାହୋଇଛି ?

ଉତ୍ତର : ତନ୍ତ୍ରୟାମଳ, ବାୟୁପୁରାଣ, ଅଗ୍ନିପୁରାଣ, ବ୍ରହ୍ମପୁରାଣ, କୂର୍ମପୁରାଣ, ଶିବପୁରାଣ, କପିଳସଂହିତା, ଗରୁଡ଼ପୁରାଣ, ବୃହତ୍ ବିଷ୍ଣୁପୁରାଣ, ସ୍କନ୍ଦପୁରାଣ, ବ୍ରହ୍ମାଣ୍ଡପୁରାଣ, ଭବିଷ୍ୟପୁରାଣ ଏବଂ ଶ୍ରୀଜଗନ୍ନାଥ ମାହାତ୍ମ୍ୟରେ । ଏହିସବୁ ଶାସ୍ତ୍ରମାନଙ୍କରେ ତଥା ଅନ୍ୟାନ୍ୟ ଶାସ୍ତ୍ରରେ ପୁରୁଷୋତ୍ତମ କ୍ଷେତ୍ର ତଥା ଶ୍ରୀଜଗନ୍ନାଥ ପରମବ୍ରହ୍ମ ପୁରୁଷୋତ୍ତମ

ତତ୍ତ୍ୱଙ୍କ ପ୍ରତିମା ପ୍ରତିପାଦିତ ହୋଇଛି । ଏହିସବୁ ପୁରାଣରୁ ଶ୍ଳୋକ ସଂଗ୍ରହ କରିଛନ୍ତି ପଣ୍ଡିତ ଶ୍ରୀ ସଦାଶିବ ରଥଶର୍ମା । ତାଙ୍କରି ସଂଗୃହୀତ ଶ୍ଳୋକ ମଧ୍ୟରୁ ଅଳ୍ପ କେତେକ ଶ୍ଳୋକ ଏଠାରେ ଉଦ୍ଧୃତ କରାହୋଇଛି ।

**ଯଥା – ତନ୍ତ୍ରଯାମଳ –**

''ଭାରତେ ଯୋତ୍କଲେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମଂ ।
ଦାରୁରୂପୀ ଜଗନ୍ନାଥଃ ଭକ୍ତାନାମଭୟପ୍ରଦଃ ।।''

''ଭାରତର ଉତ୍କଳ ପ୍ରଦେଶ ପୁରୁଷୋତ୍ତମ କ୍ଷେତ୍ରରେ ଯେଉଁ ଦାରୁରୂପୀ ସମସ୍ତ ଜଗତର ଈଶ୍ୱର ସେ ଭକ୍ତଙ୍କୁ ଜନ୍ମମରଣ ଦୁଃଖକଷ୍ଟରୁ ଅଭୟ କରି ଦିଅନ୍ତି ।''

**ବ୍ରହ୍ମପୁରାଣ –**

''ସମୁଦ୍ରସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋତ୍ତମଃ ।
ଆସ୍ତେ ପୁଣ୍ୟଂ ପରଂ କ୍ଷେତ୍ରଂ ମୁକ୍ତିଦଂ ପାପନାଶକଂ ।।''

''ସମୁଦ୍ରର ଉତ୍ତର ତଟରେ ଯେଉଁ ମହାନ୍, ପବିତ୍ର କ୍ଷେତ୍ର ଅବସ୍ଥିତ, ହେ ବ୍ରାହ୍ମଣ ସେ କ୍ଷେତ୍ର ମୁକ୍ତି ଦିଏ ଏବଂ ପାପ ନାଶ କରେ ।''

**ଶିବ ପୁରାଣ –**

''ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତ୍ୟନ୍ୟତ୍ ଭବମୋଚନଂ ।
ତତ୍ର ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ରହ୍ମ ଶରୀରଭୃତ୍ ।।''

''ମୁକ୍ତିଲାଭ କରିବା ସକାଶେ ପୁରୁଷୋତ୍ତମ କ୍ଷେତ୍ର ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ । ଏହି କ୍ଷେତ୍ରରେ ସାକ୍ଷାତ୍ ପରମବ୍ରହ୍ମ ଦାରୁବ୍ରହ୍ମରୂପେ ଶରୀର ଧାରଣ କରିଛନ୍ତି ।''

**କପିଳ ସଂହିତା –**

''ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।
ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ।।''

''ସମସ୍ତ ତୀର୍ଥ ବା କ୍ଷେତ୍ର ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ସର୍ବଶ୍ରେଷ୍ଠ, ସମସ୍ତ ଦେବତା ମଧ୍ୟରେ ପୁରୁଷୋତ୍ତମ ଜଗନ୍ନାଥ ସର୍ବଶ୍ରେଷ୍ଠ ।''

**ବୃହତ୍ ବିଷ୍ଣୁ ପୁରାଣ –**

''ଯୋଗୀନାଂ ହି ହୃଦାକାଶେ ବିଦ୍ୟୁଦ୍‌ବର୍ଣ୍ଣ ପ୍ରକାଶତେ ।
ସ ଏବ ଦାରୁରୂପେଣ ଆସ୍ତେ ନୀଳାଚଲେ। ମହି ।।''

''ଯୋଗୀମାନଙ୍କ ହୃଦୟରେ ଯେପରି ମୁଁ ବିଦ୍ୟୁତ୍‌ବତ୍ ପ୍ରକାଶ ହୋଇଛି ସେହିପରି ନୀଳାଚଳ ବା ପୁରୁଷୋତ୍ତମ କ୍ଷେତ୍ରରେ ଦାରୁରୂପେ ବିଦ୍ୟମାନ ଅଛି ।''

ପ୍ରଶ୍ନ : ତୁମ୍ଭର ଉଦ୍ଧୃତ ଶ୍ଳୋକରେ ପୁରୁଷୋତ୍ତମ ଧାମ ଏବଂ ପରମବ୍ରହ୍ମ ପୁରୁଷୋତ୍ତମ ଶବ୍ଦ ପ୍ରୟୋଗ ହୋଇଛି । କିନ୍ତୁ ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କ ପ୍ରତୀକ ବା ପ୍ରତିମା, ପୁରୀ ପୁରୁଷୋତ୍ତମ ଧାମର ପ୍ରତୀକ ବୋଲି କେଉଁଠି କୁହାହୋଇଛି ?

ଉତ୍ତର : ଶିବପୁରାଣରେ ଶ୍ଳୋକର ପ୍ରଥମ ପଦରେ ସ୍ପଷ୍ଟରୂପେ କୁହାହୋଇଛି – ''ଜନ୍ମମରଣରୁ ମୁକ୍ତି ଲାଭ କରିବା ସକାଶେ ପୁରୁଷୋତ୍ତମ କ୍ଷେତ୍ର ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ ।''

ଦ୍ୱିତୀୟ ପଦରେ କୁହା ହୋଇଛି – ''ଏହି କ୍ଷେତ୍ରରେ ସାକ୍ଷାତ୍ ପରମବ୍ରହ୍ମ ଦାରୁବ୍ରହ୍ମରୂପେ ଶରୀର ଧାରଣ କରିଅଛନ୍ତି ।''

ଏହି ଶ୍ଳୋକରୁ ସ୍ପଷ୍ଟ ବୁଝାଯାଉଛି, ଏହି ପୃଥିବୀରେ ଅବସ୍ଥିତ ପୁରୀ ପୁରୁଷୋତ୍ତମ ଧାମର ପ୍ରତୀକ ଏବଂ ଦାରୁରୂପେ ଶ୍ରୀଜଗନ୍ନାଥ ପରମବ୍ରହ୍ମ ପୁରୁଷୋତ୍ତମଙ୍କ ପ୍ରତୀକ ।

ପ୍ରଶ୍ନ : ପୂର୍ବେ ସରଳ ଅନ୍ଧବିଶ୍ୱାସୀ ଲୋକ ପୁରାଣବାକ୍ୟକୁ ବେଦ ବୋଲି ମାନି ନେଉଥିଲେ । କିନ୍ତୁ ଆଜିକାଲି ବିଜ୍ଞାନଯୁଗରେ ଆମ୍ଭେମାନେ ବୁଦ୍ଧିବାଦୀ ବ୍ୟକ୍ତି ପୁରାଣର ଅତିରଞ୍ଜିତ ଏବଂ ବିରୋଧାତ୍ମକ ଶବ୍ଦକୁ ବିଶ୍ୱାସ କରିବୁ କିପରି ? ଅତିରଞ୍ଜିତ ବାକ୍ୟ ହେଲା, ''ପୁରୀରେ ମୁକ୍ତିଲାଭ ହୁଏ'' । କିନ୍ତୁ ଏହା ସତ୍ୟ ନୁହେଁ, ଯଦି ଏହା ସତ୍ୟ ହୋଇଥା'ନ୍ତା ତେବେ ଯେତେ ପାପୀ ଦୁରାଚାରୀ ଲୋକ ମନଇଚ୍ଛା ପାପକରି ପୁରୀରେ ବାସ କରନ୍ତେ, ମୃତ୍ୟୁପରେ ସିଧା ବୈକୁଣ୍ଠକୁ ଚାଲିଯା'ନ୍ତେ ଅଥବା ପୁରୀରେ ବାସକରି ମନଇଚ୍ଛା ପାପକରି ମୁକ୍ତି ପ୍ରାପ୍ତ ହୁଅନ୍ତେ । ଏହା ସମ୍ଭବ ନୁହେଁ । ଏହି ବାକ୍ୟକୁ କୌଣସି ବ୍ୟକ୍ତି ବିଶ୍ୱାସ କରିପାରିବ ନାହିଁ ।

ବିରୋଧାତ୍ମକ ବାକ୍ୟ ହେଲା, ''ମୁକ୍ତିଲାଭ କରିବା ସକାଶେ ପୁରୀ ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ ।'' ସଂସାରକୁ ଛାଡ଼, ଭାରତ ବର୍ଷରେ କାଶୀ, ଅଯୋଧ୍ୟା, ବୃନ୍ଦାବନ, ପ୍ରୟାଗ, ହରିଦ୍ୱାର, ବଦ୍ରିନାରାୟଣରେ ବାସ କରି ମୃତ୍ୟୁ ପ୍ରାପ୍ତ ହେବା ବ୍ୟକ୍ତିଙ୍କୁ ମୁକ୍ତି ମିଳିବା କଥା ଅନ୍ୟାନ୍ୟ ଶାସ୍ତ୍ରରେ ଋଷିମୁନିମାନେ କହିଛନ୍ତି । ଏହି ପୁରାଣର ବାକ୍ୟ ସତ୍ୟ ମାନିଲେ ''ମୁକ୍ତି ସକାଶେ ପୁରୀ ଛଡ଼ା ଅନ୍ୟ କ୍ଷେତ୍ର ସଂସାରରେ ନାହିଁ'' ଏହାକୁ ମିଥ୍ୟା ମାନିବାକୁ ହେବ । ଅତଏବ ଏହା ବିରୋଧାତ୍ମକ ବାକ୍ୟ । କେଉଁ ଋଷିଙ୍କ ବାକ୍ୟ ସତ୍ୟ, କେଉଁ ଋଷିଙ୍କ ବାକ୍ୟ ମିଥ୍ୟା ?

ଉତ୍ତର : କୌଣସି ଋଷିଙ୍କ ବାକ୍ୟ ମିଥ୍ୟା ନୁହେଁ କିଂବା ବିରୋଧାତ୍ମକ ନୁହେଁ, କିନ୍ତୁ ସେମାନଙ୍କ ବାକ୍ୟର ଅନ୍ତର୍ନିହିତ ସତ୍ୟ ବା ରହସ୍ୟ ଆମ୍ଭମାନଙ୍କ ଚେତନାରେ ପ୍ରକାଶ ନ ହେବାରୁ ଆମ୍ଭେମାନେ ସାମଞ୍ଜସ୍ୟ କରିପାରୁ ନାହିଁ ।

ଦୁଇଟି ପଥର ଗୋଟାଳି ସହିତ ଆଉ ଗୋଟିଏ ପଥର ଗୋଟାଳି ମିଶାଇ ଦେଲେ ତିନି ହେବା ଯେପରି ସତ୍ୟ ସେହିପରି ଗୋଟାଏ ପାତ୍ରରେ ଥିବା ଦୁଇ ଜଳବିନ୍ଦୁ ସହିତ ଆଉ ଗୋଟାଏ ଜଳବିନ୍ଦୁ ମିଶାଇ ଦେଲେ ଏକ ହେବା ସେହିପରି ସତ୍ୟ ।

ଦୁଇଟିଯାକ ବିରୋଧାତ୍ମକ ଘଟନା, କିନ୍ତୁ ପ୍ରତ୍ୟେକ ଘଟନା ସତ୍ୟ । ଏହା ମଧ୍ୟରେ ଯେପରି ବସ୍ତୁର ଗୁଣ ଧର୍ମର ରହସ୍ୟ ରହିଛି ସେହିପରି ଗୂଢ଼ ରହସ୍ୟ ଅଛି ଆମମାନଙ୍କୁ ବିରୋଧାତ୍ମକ ପ୍ରତୀତ ହେଉଥିବା ଋଷିମାନଙ୍କର ବାକ୍ୟରେ ।

ଅଯୋଧ୍ୟା, କାଶୀ, ବୃନ୍ଦାବନ, ପ୍ରୟାଗ, ହରିଦ୍ୱାର, ବଦ୍ରିକାଶ୍ରମରେ ଶେଷଜୀବନ ପର୍ଯ୍ୟନ୍ତ ବାସ କଲେ ବ୍ୟକ୍ତିକୁ ଭଗବତ୍ ପ୍ରାପ୍ତି ହୁଏ । ସେ ଆଉ ପୃଥିବୀରେ ଜନ୍ମଗ୍ରହଣ କରେ ନାହିଁ । କିନ୍ତୁ ସେ ସ୍ଥାନର ପ୍ରଭାବରେ ତା'ର ମନ, ପ୍ରାଣ, ଶରୀର ରୂପାନ୍ତର ହୁଏ ନାହିଁ । କିନ୍ତୁ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ରରେ ବାସ କଲେ ବ୍ୟକ୍ତିର ମୃତ୍ୟୁ ପରେ ମୁକ୍ତି ନିର୍ବାଣ ବା ଭଗବତ୍ ପ୍ରାପ୍ତି ହୁଏ ନାହିଁ, ବ୍ୟକ୍ତିର ଏହି ସ୍ଥୂଳ ଶରୀର, ମନ, ପ୍ରାଣ, ଦିବ୍ୟତତ୍ତ୍ୱରେ ରୂପାନ୍ତର ହୁଏ, ସେ ରୂପାନ୍ତର ଶରୀରରେ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରେ । ସେ ଆଉ ମାତୃଗର୍ଭରେ ଜନ୍ମ ହୁଏ ନାହିଁ, ସେ ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ ହୁଏ । ଏହି ଯେଉଁ ଶରୀର ରୂପାନ୍ତର, ପୁରୀ ଛଡ଼ା ଅନ୍ୟ ସ୍ଥାନରେ ସମ୍ଭବ ନୁହେଁ । ଏହି ରୂପାନ୍ତରର ଅନ୍ୟନାମ ମୁକ୍ତି । ସେ ସମୟରେ ରୂପାନ୍ତର କହିଥିଲେ କେହି ବୁଝିପାରି ନ ଥା'ନ୍ତେ । ସେହି କାରଣରୁ ରୂପାନ୍ତର ଶବ୍ଦ ପରିବର୍ତ୍ତେ ମୁକ୍ତି ଶବ୍ଦ ବ୍ୟବହାର କରାହୋଇଅଛି ।

ପ୍ରଶ୍ନ : ତୁମର ଉତ୍ତର ହେଲା ପୁରୀବାସରେ ମନ-ପ୍ରାଣ-ଶରୀର ରୂପାନ୍ତର ହୁଏ ଏବଂ ବ୍ୟକ୍ତି ଜନ୍ମ ମରଣରୁ ମୁକ୍ତ ହୁଏ; କାଶୀ, ଅଯୋଧ୍ୟା, ବୃନ୍ଦାବନ ଆଦି ଧାମରେ ବ୍ୟକ୍ତିର ଶରୀର ରୂପାନ୍ତର ହୁଏ ନାହିଁ । ମୃତ୍ୟୁପରେ କାଶୀରେ ବାସ କରିଥିବା ବ୍ୟକ୍ତି କୈଳାସ, ଅଯୋଧ୍ୟାରେ ବାସ କରିଥିବା ବ୍ୟକ୍ତି ସାକେତ, ବୃନ୍ଦାବନରେ ବାସ କରିଥିବା ବ୍ୟକ୍ତି ଗୋଲୋକ ଆଦି ଦିବ୍ୟ ଧାମରେ ଭଗବତ୍ ପ୍ରାପ୍ତ ହୁଅନ୍ତି । ଏହି ଉତ୍ତରରେ ଋଷିମାନଙ୍କ ବିରୋଧାତ୍ମକ ବାକ୍ୟର ସମାଧାନ ହେଲା ।

କିନ୍ତୁ ମୋର ପୂର୍ବ ପ୍ରଶ୍ନ ଥିଲା, ପାପୀ, ଦୁରାଚାରୀ ଲୋକ କେବଳ ଏହିସବୁ ଧାମରେ ବାସକଲେ ଯଦି ମୁକ୍ତି ପାଆନ୍ତେ ତେବେ ପୁରୀରେ ବାସ କରିବା ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତର ହେବା ଅନିବାର୍ଯ୍ୟ ହୁଅନ୍ତା । ପୁରୀରେ ବରାବର ବ୍ୟକ୍ତି ବାସକରି ଆସୁଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ବ୍ୟକ୍ତିର ଶରୀର ରୂପାନ୍ତର ହେବା କେହି ଦେଖି ନାହାନ୍ତି । ତୁମ୍ଭର ଉତ୍ତର ବିରୋଧରେ ଏହି ପ୍ରତ୍ୟକ୍ଷ ଘଟନା ବିଦ୍ୟମାନ ଅଛି । ଅତଏବ ତୁମ୍ଭର ଉତ୍ତର ବିଶ୍ୱାସଯୋଗ୍ୟ ହେବ କିପରି ?

ଉତ୍ତର : ଦୃଶ୍ୟମାନ ବସ୍ତୁର ଅଭ୍ୟନ୍ତରରେ ଥିବା ସତ୍ୟର ସନ୍ଧାନ ନ ପାଇବା ଯୋଗୁଁ ଯଥାର୍ଥ ଉତ୍ତରକୁ ତୁମ୍ଭେ ବିଶ୍ୱାସ କରିବାରେ ଅସମର୍ଥ ହେଉଛ । ପୂର୍ବ ପ୍ରଶ୍ନର ଉତ୍ତରରେ ପୁରାଣର କେବଳ ବାହ୍ୟଶବ୍ଦ କୁହା ହୋଇଥିଲା । ତା'ର ଆଭ୍ୟନ୍ତରୀଣ ରହସ୍ୟ ଥିଲା ପ୍ରତ୍ୟକ୍ଷ, ଦୃଶ୍ୟମାନ ଭୌତିକ ଜଗତର ପୁରୀକ୍ଷେତ୍ର ମଧ୍ୟରେ ନିହିତ ଥିବା ଦିବ୍ୟ ସଚ୍ଚିଦାନନ୍ଦ ଧାମ, ଶ୍ରୀଜଗନ୍ନାଥଙ୍କ କାଷ୍ଠ ବିଗ୍ରହ ମଧ୍ୟରେ ପ୍ରଚ୍ଛନ୍ନ ଥିବା ସଚ୍ଚିଦାନନ୍ଦ ପରମବ୍ରହ୍ମ ପୁରୁଷୋତ୍ତମ ସତ୍ୟ । ବ୍ୟକ୍ତି ଏହି ସତ୍ୟକୁ ଉପଲବ୍ଧି ନ କରିବା ଯୋଗୁଁ ଆଜି ପର୍ଯ୍ୟନ୍ତ ପୁରୀରେ ବାସ କରିଥିବା କୌଣସି ବ୍ୟକ୍ତିର ମନ, ପ୍ରାଣ ତଥା ଶରୀର ରୂପାନ୍ତର ହୋଇ ନାହିଁ କିଂବା ସେ ଅଜ୍ଞାନ,ରୋଗ, ବୃଦ୍ଧତ୍ୱ ଏବଂ ମୃତ୍ୟୁରୁ ମୁକ୍ତ ହୋଇ ନାହିଁ ।

ଯେପରି କାଷ୍ଠ ମଧ୍ୟରେ ଅଗ୍ନି ଥାଏ, ଅଣୁ ମଧ୍ୟରେ ଶକ୍ତି ବିଦ୍ୟମାନ ଥାଏ, ଶରୀର ମଧ୍ୟରେ ଆତ୍ମା ନିବାସ କରେ, କିନ୍ତୁ ଏସବୁକୁ ବ୍ୟକ୍ତି ଆବିଷ୍କାର ବା ଉପଲବ୍ଧି ନ କଲେ ତା'ର ଅଭୀଷ୍ଟ ପୂର୍ଣ୍ଣ ହୁଏ ନାହିଁ, ଠିକ୍ ସେହିପରି ପୁରୁଷୋତ୍ତମ କ୍ଷେତ୍ର ।

ଏହି ସତ୍ୟ ଉପଲବ୍ଧ ହୁଏ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ-ପ୍ରଣାଳୀରେ ସାଧନା କରି ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରକୁ ଭଗବତ୍ ତତ୍ତ୍ୱରେ ରୂପାନ୍ତର କଲେ । ଯେପରି କାଷ୍ଠ ମଧ୍ୟରେ ଅଗ୍ନି ଥାଏ, ମନୁଷ୍ୟ ମଧ୍ୟରେ ଆତ୍ମା ବିଦ୍ୟମାନ ଥାଏ । କାଷ୍ଠକୁ କାଷ୍ଠ ସହିତ ଘର୍ଷଣ କରି ଅଗ୍ନି ଆବିଷ୍କାର ନ କଲେ ଯେପରି ରାନ୍ଧିବା ହୋଇପାରେ ନାହିଁ, ସେହିପରି ସାଧନା ଦ୍ୱାରା ଆତ୍ମ-ଉପଲବ୍ଧି ନ କଲେ ବ୍ୟକ୍ତି ଅଜ୍ଞାନରୁ ମୁକ୍ତ ହୁଏ ନାହିଁ, ଜନ୍ମମରଣ, ଦୁଃଖ କଷ୍ଟ ଭୋଗୁଥାଏ । ଠିକ୍ ସେହିପରି ପୁରୀ, ଅଯୋଧ୍ୟା, କାଶୀ, ବୃନ୍ଦାବନାଦି ଭଗବତ୍ ଧାମରେ ବାସ କରିବା ଅର୍ଥ ତା'ର ସତ୍ୟସ୍ୱରୂପ ଉପଲବ୍ଧି କରିବା ।

ପ୍ରଶ୍ନ : ଜଗନ୍ନାଥଙ୍କ ଦାରୁ ବିଗ୍ରହରେ ସଚ୍ଚିଦାନନ୍ଦତତ୍ତ୍ୱ, ପୁରୀରେ ପୁରୁଷୋତ୍ତମ ଦିବ୍ୟ ସଚ୍ଚିଦାନନ୍ଦ ଧାମର ତତ୍ତ୍ୱ, ଅଯୋଧ୍ୟାରେ ସାକେତ, ବୃନ୍ଦାବନରେ ଗୋଲୋକ, କାଶୀରେ କୈଳାସ ପ୍ରଚ୍ଛନ୍ନ ରହିଲା କାହିଁକି ?

ଉତ୍ତର : ଏହା ଭଗବାନଙ୍କ ବିଧାନ ।

ଭଗବାନ୍ ଅନାଦି ଏବଂ ଏକ । ତାଙ୍କ ଛଡ଼ା ମାୟା, ମିଥ୍ୟା ବା ଅନ୍ୟ କିଛି ନ ଥିଲା । ସେ ନିଜକୁ ବହୁରୂପେ ପ୍ରକାଶ କରିବା ଉଦ୍ଦେଶ୍ୟରେ ସୃଷ୍ଟି କରିବା ସଂକଳ୍ପ କଲେ । ସଂକଳ୍ପ ମାତ୍ରେହିଁ ଭଗବାନଙ୍କ ପରା ଏବଂ ଅପରା ଶକ୍ତି ବା ପରା, ଅପରା, ମାୟା ପ୍ରଘଟ ହେଲେ । ତାଙ୍କରି ଦ୍ୱାରା ସୃଷ୍ଟି ହେଲା ଏବଂ ପରାର୍ଦ୍ଧ ତଥା ଅପରାର୍ଦ୍ଧ ଏହି ଦୁଇଭାଗରେ ବିଭକ୍ତ ହେଲା । ପରାର୍ଦ୍ଧ ରହିଲା ଦିବ୍ୟ, ଅପରାର୍ଦ୍ଧ ହେଲା ପରାର୍ଦ୍ଧର ବିକୃତ, ମାୟା-ମୋହଗ୍ରସ୍ତ । ସେହି ଦିବ୍ୟଲୋକର ଅଧିଷ୍ଠାତ୍ରୀ ଦେବୀ ହେଲେ ଭଗବାନଙ୍କ ପରାଶକ୍ତି । ସେଥିରେ ସଚ୍ଚିଦାନନ୍ଦ ପରମବ୍ରହ୍ମ ଯେ କି ଏକସଙ୍ଗେ ସାକାର ଏବଂ ନିରାକାର, ସକ୍ରିୟ ଏବଂ ନିଷ୍କ୍ରିୟ । ଏହିସବୁକୁ ଧାରଣ କରି ଏହାର ଉର୍ଦ୍ଧ୍ୱରେ ରହିଲେ ସେହି ସଚ୍ଚିଦାନନ୍ଦ ପରମବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱ । ଯେଉଁ ତତ୍ତ୍ୱରେ ମନ ବା ଶବ୍ଦ ପହଞ୍ଚିପାରେ ନାହିଁ, କେବଳ ଅତିମାନସ ଚେତନାରେ ଉପଲବ୍ଧି କରାହୁଏ । ଏହି ସଚ୍ଚିଦାନନ୍ଦ ପରମବ୍ରହ୍ମ ସୃଷ୍ଟି ଉଦ୍ଦେଶ୍ୟରେ ପରାର୍ଦ୍ଧଲୋକର ଭିନ୍ନ ଭିନ୍ନ ସ୍ତର – ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଆଦି ଦିବ୍ୟଧାମରେ – ସାକାର ବା ସଗୁଣରୂପେ (ସାକେତରେ ଶ୍ରୀ ସୀତାରାମ, ଗୋଲୋକରେ ରାଧାକୃଷ୍ଣ, ବୈକୁଣ୍ଠରେ ଲକ୍ଷ୍ମୀନାରାୟଣ, କୈଳାସରେ ଗୌରୀଶଙ୍କରରୂପେ) ବିଦ୍ୟମାନ ହେଲେ ।

ଅପରାର୍ଦ୍ଧ ହେଲା ଠିକ୍ ପରାର୍ଦ୍ଧର ବିପରୀତ ଏବଂ ବିକୃତ ରୂପ । ଏଥିରେ ପ୍ରକାଶ ହେଲେ ଅଜ୍ଞାନ, ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ହିଂସା, ସ୍ୱାର୍ଥ ଏବଂ ଅହଂ । ଅଜ୍ଞାନତାହିଁ ବିକାଶ ଏବଂ ଧ୍ୱଂସର କାରଣ । ଏହି ଅପରାର୍ଦ୍ଧ ସୃଷ୍ଟି ଅଜ୍ଞାନତା ଦ୍ୱାରା ନାଶ ହେବାରୁ ରକ୍ଷା କରିବା ତଥା ତାହାର ମୂଳ ଦିବ୍ୟତତ୍ତ୍ୱରେ ଉପନୀତ କରିବା ସକାଶେ ବିକାଶକୁ ଧାରଣ କରି ଏହା ପଶ୍ଚାତରେ ରହିଲା ପରାର୍ଦ୍ଧର ସମସ୍ତ ସତ୍ୟାସତ୍ୟ ।

ମନୁଷ୍ୟର ଅଜ୍ଞାନ ଆବରଣର ପଶ୍ଚାତରେ ଯେପରି ଭଗବାନ୍ ଏବଂ ଭଗବତ୍ ଦିବ୍ୟଗୁଣ, ସତ୍ୟ, ନ୍ୟାୟ, ଜ୍ଞାନ, ଆନନ୍ଦ ଆବୃତ ହୋଇ ରହି ବ୍ୟକ୍ତିସତ୍ତାକୁ ଧାରଣ କରି ରହିଲା, ସେହିପରି ଭଗବତ୍ ଦିବ୍ୟଧାମସବୁ ଏହି ପୃଥିବୀରେ ବିକୃତ ହୋଇ ପ୍ରତୀକରୂପେ ସାକେତ, ଅଯୋଧ୍ୟା, ଗୋଲୋକ, ବୃନ୍ଦାବନ, ବୈକୁଣ୍ଠ, ବଦ୍ରିକାଶ୍ରମ, କୈଳାସ,

କାଶୀ ଏବଂ ସଚ୍ଚିଦାନନ୍ଦ ପୁରୁଷୋତ୍ତମକ୍ଷେତ୍ର ନାମରେ ଏହି ମୃତ୍ୟୁ-ପୁରୀରେ ବିଦ୍ୟମାନ ରହିଲା । ବାହାରେ ପ୍ରକାଶ ହେଲା ବିକୃତରୂପ ଭିନ୍ନ ଭିନ୍ନ ନାମରେ ଧାମ ଏବଂ ସେହି ଧାମରେ କାଷ୍ଠ, ପାଷାଣ, ଧାତୁ ପ୍ରତିମା । ଏହାର ପଶ୍ଚାତରେ ବା ଅଭ୍ୟନ୍ତରରେ ରହିଲା ନିଜକୁ ପ୍ରକାଶ କରିବା ସକାଶେ ଭଗବାନଙ୍କ ଦିବ୍ୟତତ୍ତ୍ୱ ଏବଂ ଭଗବାନଙ୍କ ପରାର୍ଦ୍ଧର ଦିବ୍ୟଲୋକ ।

ପ୍ରଶ୍ନ : ପୁରୀ ଏବଂ ଶ୍ରୀଜଗନ୍ନାଥ ବହୁକାଳରୁ ଅଛନ୍ତି । ପୁରୀ, ପୁରୁଷୋତ୍ତମ ଧାମ ଏବଂ ଶ୍ରୀଜଗନ୍ନାଥ, ସଚ୍ଚିଦାନନ୍ଦ ତତ୍ତ୍ୱ ଶାସ୍ତ୍ରରେ ମଧ ପ୍ରତିପାଦ୍ୟ ହୋଇଛି । ତଥାପି ଆଜି ପର୍ଯ୍ୟନ୍ତ ତାହା ପ୍ରକାଶ ହୋଇ ନାହିଁ କାହିଁକି ?

ଉତ୍ତର : ତା'ର ସମୟ ଆସି ନ ଥିଲା । ବର୍ତ୍ତମାନ ତା'ର ସମୟ ଆସିଛି । ମନର ବିକାଶ ଶେଷ ସୀମାରେ ପହଞ୍ଚିଥିବାରୁ ମନ ଗଠିତ ନୈତିକତା ଭାଙ୍ଗି ଯାଇଛି । ଏହାପରେ ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ-ସତ୍ୟ । ଏହାହିଁ ଭଗବାନଙ୍କ ସଂକଳ୍ପ । ଏହି ସତ୍ୟ ପୃଥିବୀରେ ପ୍ରତିଷ୍ଠା କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅଧ୍ୟାତ୍ମ-ସାଧନା ଦ୍ୱାରା ଅତିମାନସ ସତ୍ୟକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କଲେ ତା'ର ସମସ୍ତ ସତ୍ତା ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବ, ସେ ପୂର୍ଣ୍ଣରୂପେ ନିବାସ କରିବ ଭଗବାନଙ୍କ ଚେତନାରେ, ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା, ପୃଥିବୀ ହେବ ସ୍ୱର୍ଗ, ଧାମମାନଙ୍କରେ ପ୍ରକାଶ ହେବ, ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ଏବଂ ସଚ୍ଚିଦାନନ୍ଦ ଲୋକ, ଏହା ହେବ ପ୍ରଥମରେ ଭାରତବର୍ଷରେ । ଏହି ଭାରତବର୍ଷ ପଥପ୍ରଦର୍ଶକ ହେବ ସମସ୍ତ ସଂସାରର । ଭଗବାନ୍ ଏହି ସୌଭାଗ୍ୟ ଦେଇଛନ୍ତି ଭାରତବର୍ଷକୁ ।

ପୃଥିବୀରେ ଯେବେ ଯେବେ ଭଗବାନଙ୍କର କାର୍ଯ୍ୟ ସିଦ୍ଧ ହୁଏ, ଭଗବାନ୍ ମନୁଷ୍ୟ ଶରୀରରେ ଏହି ପୃଥିବୀକୁ ଆସନ୍ତି । ସେସମୟରେ ମନୁଷ୍ୟକୁ ସେବାର ଗୋଟିଏ ସୁଯୋଗ ମିଳେ । ଯେଉଁମାନେ ସଚେତ ହୁଅନ୍ତି, ସେମାନେ ସେଥିରେ ଅଂଶଗ୍ରହଣ କରନ୍ତି । ତାହାଦ୍ୱାରା ହୁଏ ସେମାନଙ୍କ ଆତ୍ମକଲ୍ୟାଣ ଏବଂ ଜଗତରୂପ ଜନାର୍ଦନଙ୍କ ସେବା ।

ଯେଉଁମାନେ ଏହି ସତ୍ୟକୁ ହୃଦୟଙ୍ଗମ କରିବେ, ତ୍ରେତାରେ ଶ୍ରୀରାମଙ୍କ ସେତୁବନ୍ଧରେ ଗୁଣ୍ଡୁଚିମୂଷା ପାଣିରେ ବୁଡ଼ି, ବାଲିରେ ଗଡ଼ି, ଧୂଳି ଝାଡ଼ି ଭଗବାନଙ୍କ ସେବାକରିବା ସଦୃଶ ସେମାନେ ଗ୍ରାମ, ସହରମାନଙ୍କରେ ପାଠଚକ୍ର, ଭିନ୍ନ ଭିନ୍ନ କାର୍ଯ୍ୟକ୍ଷେତ୍ରରେ ଯୁବ ସମାଜ, ସ୍କୁଲ କଲେଜମାନଙ୍କରେ ଶ୍ରୀଅରବିନ୍ଦ ଛାତ୍ର ସମାଜ ଗଠନ କରନ୍ତୁ । ବିଶେଷ ସମୟରେ ସମ୍ମିଳନୀ କରନ୍ତୁ । ଏହିସବୁ କର୍ମ ଦ୍ୱାରା କ୍ରମଶଃ ପୃଥିବୀରେ ସତ୍ୟ ପ୍ରତିଷ୍ଠା ହେବ ଏବଂ ଅସତ୍ୟ, ଅନ୍ୟାୟ ସଂସାରରୁ ତଥା ନିଜ ମଧ୍ୟରୁ ଦୂର ହେବ । ଆମ୍ଭମାନଙ୍କର ଚିର ଅଭିଳଷିତ ଯେଉଁ ପରମାନନ୍ଦ ପରମଶାନ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ, ସେହି ଦିଗରେ ଆମ୍ଭେମାନେ ଅଗ୍ରସର ହୋଇପାରିବା ।

## ଦ୍ୱିତୀୟ ଭାଗ

# ଶ୍ରୀଅରବିନ୍ଦଙ୍କ ଯୋଗ
# ପ୍ରଶ୍ନୋତ୍ତର

ପ୍ରଶ୍ନ : ଶ୍ରୀଅରବିନ୍ଦ ତାଙ୍କ ଯୋଗ, ଦର୍ଶନ ତଥା ସାଧନା ସମ୍ବନ୍ଧେ ବହୁତ ଲେଖିଛନ୍ତି । କିନ୍ତୁ ସାଧାରଣ ବ୍ୟକ୍ତିଙ୍କ ପକ୍ଷେ ବୁଝିବା କଠିନ । 'ଲୋକ-ସାହିତ୍ୟ' ଏବଂ 'ନବଜ୍ୟୋତି'ରେ ଯଦିଓ ସରଳ ଭାଷାରେ ଲେଖା ଅଛି ତଥାପି ଅଧିକ ପଢ଼ି ବୁଝିବାର ଧୈର୍ଯ୍ୟ ନାହିଁ । ସଂକ୍ଷେପରେ ବୁଝାଇ ଦିଅନ୍ତୁ,– ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ କ'ଣ ? ସାଧନା ପ୍ରଣାଳୀ କିପରି ? ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗ କେଉଁ ବିଷୟରେ ପୃଥକ୍ ?

ଉତ୍ତର : ପୁରାତନ ଯୋଗରେ ବ୍ୟକ୍ତିର ମନ-ପ୍ରାଣ-ଶରୀରର ରୂପାନ୍ତର, ରୋଗ-ଜରା-ମୃତ୍ୟୁରୁ ମୁକ୍ତି, କର୍ମ ତଥା ସଂସାରର ସମୃଦ୍ଧିସାଧନ ନ ଥିଲା, ଥିଲା ସାଧନା କରିବା ବ୍ୟକ୍ତିଙ୍କର ମୃତ୍ୟୁ ପରେ ମୁକ୍ତି । ଭଗବତ୍ ଅବତାର, ଆଚାର୍ଯ୍ୟ, ମହାପୁରୁଷମାନେ ସଂସାରରେ ଯଦିଓ ଧର୍ମସ୍ଥାପନା କରୁଥିଲେ ତାହା ହେଉଥିଲା ଅସ୍ଥାୟିଭାବରେ ସାମୟିକ ଓ ଆଂଶିକ । ପୃଥିବୀ ସ୍ଥାୟିଭାବରେ ରହୁଥିଲା ଦୁଃଖକଷ୍ଟରେ ପୀଡ଼ିତ । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଦିବ୍ୟତତ୍ତ୍ୱରେ ରୂପାନ୍ତର; ରୋଗ, ଜରା, ମୃତ୍ୟୁ, ଅଜ୍ଞାନ, ଦୁଃଖକଷ୍ଟରୁ ପୂର୍ଣ୍ଣ ମୁକ୍ତି; ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ; ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ଏବଂ କର୍ମରେ ପୂର୍ଣ୍ଣତା, ସଂସାରରେ ଅତିମାନବଜାତି ପ୍ରତିଷ୍ଠା । ଏହା ଫଳରେ ସଂସାରରୁ ହୁଏ ହିଂସା, ଦ୍ୱେଷ, ଯୁଦ୍ଧ, ଦୁଃଖକଷ୍ଟ ଦୂରୀଭୂତ, ସଂସାର ହୁଏ ଐଶ୍ୱର୍ଯ୍ୟଶାଳୀ, ପରିଣତ ହୁଏ ସ୍ୱର୍ଗରେ । ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ଏବଂ ଏହାହିଁ ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ । ଏହି ଲକ୍ଷ୍ୟ ସିଦ୍ଧିର ସାଧନା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ଅବସ୍ଥା, ଗତିବୃତ୍ତି ଏବଂ ପ୍ରତିକୂଳ କର୍ମର ତ୍ୟାଗ ।

ପ୍ରଶ୍ନ : ପୁରାତନ ଯୋଗର ପ୍ରବର୍ତ୍ତକ ଭଗବତ୍ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ଆଚାର୍ଯ୍ୟ ରାମାନୁଜ, ଆଚାର୍ଯ୍ୟ ରାମାନନ୍ଦ, ନିମ୍ବାର୍କ ତଥା ଅନ୍ୟାନ୍ୟ ମହାପୁରୁଷମାନେ ନିଜ ମୁକ୍ତି ସକାଶେ ପ୍ରଯତ୍ନ କରି ନ ଥିଲେ, କରିଥିଲେ ସଂସାର ସକାଶେ ସେମାନଙ୍କ ଅଧ୍ୟାତ୍ମ ମାର୍ଗକୁ ଅନୁସରଣ କରି ସେମାନଙ୍କ ଆଶ୍ରୟରେ ହଜାର ହଜାର, ଲକ୍ଷ ଲକ୍ଷ, କୋଟି କୋଟି ବ୍ୟକ୍ତି ଜନ୍ମମରଣରୁ ମୁକ୍ତ ହୋଇ ଭବ-ସାଗରରୁ ତରିଯାଇଛନ୍ତି ଏବଂ ସେହି ସମୟରେ ସେମାନଙ୍କ ଦ୍ୱାରା ସଂସାରରେ ଶାନ୍ତି, ନ୍ୟାୟ ମଧ୍ୟ ସ୍ଥାପିତ ହୋଇଛି । ସଂସାରର ଉନ୍ନତିରେ ମହାନ୍ କାର୍ଯ୍ୟ କରିଥିବା ପୁରାତନ ଯୋଗକୁ ଆପଣ ବ୍ୟକ୍ତିଗତ ବୋଲି କହିବା କିପରି ଯୁକ୍ତିଯୁକ୍ତ ହୋଇପାରେ ?

ଉତ୍ତର : ପୁରାତନ ଯୋଗର ସାଧକମାନଙ୍କର ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି ଦ୍ୱାରା ସଂସାରରେ ସାମୂହିକଭାବେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ହୋଇ ନ ଥିବାରୁ ବ୍ୟକ୍ତିଗତ ବୋଲି କୁହାହୋଇଛି, ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକମାନଙ୍କ ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବା ଦ୍ୱାରା ସଂସାରରୁ ଦୁଃଖ-କଷ୍ଟ, ହିଂସା, ଯୁଦ୍ଧ ସ୍ଥାୟିଭାବେ ଦୂର ହୋଇ ସୁଖଶାନ୍ତି ସ୍ଥାୟିଭାବେ ପ୍ରତିଷ୍ଠା ହେବାର ଲକ୍ଷ୍ୟ ଥିବାରୁ ଏହାକୁ ସାମୂହିକ କୁହାହୋଇଛି । କିନ୍ତୁ ଭଗବାନଙ୍କର ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ନିତ୍ୟମୁକ୍ତ ବିଭୂତି ମହାନ୍ ଶକ୍ତିଶାଳୀ ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବାଚାର୍ଯ୍ୟ ତଥା ଅନ୍ୟାନ୍ୟ ମହାପୁରୁଷଙ୍କୁ ନିଜ ମୁକ୍ତି ସକାଶେ ସାଧନା କରିବା କଥା ବା ଏହି ଅଭିପ୍ରାୟରେ କୁହାହୋଇ ନାହିଁ ।

ସେମାନେ ସ୍ୱୟଂ ଭଗବାନ୍ ଏବଂ ଭଗବାନଙ୍କ ଅଂଶ । ଗୀତାବାକ୍ୟ ଅନୁସାରେ ସଂସାରରେ ଧର୍ମ ହାନି ହେଲେ ସେମାନେ ଧର୍ମର ପୁନରୁତ୍ଥାନ ସକାଶେ ଏହି ପୃଥିବୀକୁ ବାରଂବାର ଆସୁଥା'ନ୍ତି । କିନ୍ତୁ ସମୟ ଆସି ନ ଥିବାରୁ ସେମାନେ

ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ନ କରି ବ୍ୟକ୍ତିଗତ ମୁକ୍ତିର ମାର୍ଗ ପୁରାତନ ଯୋଗରେ ଦର୍ଶାଇଥିଲେ । ବର୍ତ୍ତମାନ ସମୟ ଆସିଥିବାରୁ ଶ୍ରୀମା ଶ୍ରୀଅରବିନ୍ଦ ବ୍ୟକ୍ତିର ରୂପାନ୍ତର, ଶରୀରରେ ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି ସହିତ ପୃଥିବୀରେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠାର ମାର୍ଗ ଆବିଷ୍କାର କରିଛନ୍ତି ।

ପ୍ରଶ୍ନ : ଆପଣଙ୍କ କହିବାର ଅଭିପ୍ରାୟ, ପୁରାତନ ଯୋଗ ଅପେକ୍ଷା ଶ୍ରୀଅରବିନ୍ଦଙ୍କ ଯୋଗ ଶ୍ରେଷ୍ଠ ?

ଉତ୍ତର : ଏହା ମୋର ଅଭିପ୍ରାୟ ନୁହେଁ, ଆପଣଙ୍କର ନିଜର ଧାରଣା । ସଂସାର କ୍ରମବିକାଶ ଅନୁସାରେ ବିକାଶ ମାର୍ଗରେ ଗତିକରୁଛି । ଏହି ବିକାଶକୁ ଦ୍ରୁତତର କରିବା ସକାଶେ ଭଗବାନ୍ ସ୍ୱୟଂ ବିଭିନ୍ନ ରୂପରେ ଅବତାର ନେଇ ଅଥବା ନିଜ ବିଭୂତି ଦ୍ୱାରା କ୍ରମ-ବିକାଶକୁ ଅଗ୍ରସର କରାଉଛନ୍ତି । ଭଗବାନଙ୍କ ଛଡ଼ା ଅନ୍ୟ କାହାର ଯଦି ଏହି ସଂସାରରେ ବ୍ୟବସ୍ଥା ହୋଇଥାଆନ୍ତା ତେବେ ନିକୃଷ୍ଟ ଏବଂ ଶ୍ରେଷ୍ଠ କହିବାର ଅବକାଶ ଥାଆନ୍ତା । ସେହି ଏକହିଁ ଭଗବାନ୍ ସଂସାରରେ ରୂପ ହୋଇଛନ୍ତି ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପେ କାର୍ଯ୍ୟ କରୁଛନ୍ତି । ସେହି ଏକହିଁ ଈଶ୍ୱରଙ୍କୁ ଏବଂ ତାଙ୍କ କାର୍ଯ୍ୟକୁ ବଡ଼ ସାନ କହିବା କେବଳ ଭ୍ରାନ୍ତ ଧାରଣା ଛଡ଼ା ଅନ୍ୟ କିଛି ନୁହେଁ ।

ପ୍ରଶ୍ନ : ଆପଣଙ୍କ କହିବା ଅନୁସାରେ ଯଦି ସଂସାରର ବିକାଶ ଭଗବାନଙ୍କ ସଂକଳ୍ପ ଏବଂ ବିଧାନରେ ହେଉଛି ତେବେ ପୂର୍ବ ମହାପୁରୁଷମାନେ ଏହି ସଂସାରକୁ ଆସି ସ୍ଥାୟୀ ପରିବର୍ତ୍ତନ କାହିଁକି କଲେ ନାହିଁ, ଶ୍ରୀଅରବିନ୍ଦ ଏବଂ ଶ୍ରୀମା ଆସି ଏହି କାର୍ଯ୍ୟ କାହିଁକି କରୁଛନ୍ତି ?

ଉତ୍ତର : ତା'ର ସମୟ ଆସି ନ ଥିଲା । ଶିଶୁଟିକୁ କଲେଜ ବିଦ୍ୟା ଶେଷ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଶିକ୍ଷା ଦିଆହୁଏ, ବାଲ୍ୟ ଅବସ୍ଥାରେ କଲେଜର ଶିକ୍ଷା ଦିଆହୁଏ ନାହିଁ । ଠିକ୍ ସେହିପରି ସଂସାର ।

ଏପର୍ଯ୍ୟନ୍ତ ବିକାଶ ଚାଲିଥିଲା ଜଡ଼ରୁ ବୃକ୍ଷଲତା; ପଶୁପକ୍ଷୀ ମଧ୍ୟଦେଇ ମନୁଷ୍ୟ ପର୍ଯ୍ୟନ୍ତ । ଜଡ଼ରୁ ମାନସ ଚେତନା ପର୍ଯ୍ୟନ୍ତ ଅଜ୍ଞାନର ସ୍ତର । ବିକାଶ ସକାଶେ ମୃତ୍ୟୁ, ରୋଗ, ଦୁଃଖ ଆବଶ୍ୟକ । ଅଜ୍ଞାନ ଅବସ୍ଥାରେ ବ୍ୟକ୍ତିକୁ ସୁଖଶାନ୍ତି,ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ ସେ ରାକ୍ଷସ ହୋଇଯାଏ ଏବଂ ଆସୁରୀ ଶକ୍ତିର ଯନ୍ତ୍ର ହୋଇ ସଂସାରକୁ ଧ୍ୱଂସ କରେ । ଧ୍ୱଂସରୁ ରକ୍ଷା ତଥା ବିକାଶକୁ ଦ୍ରୁତ କରିବା ସକାଶେ ଭଗବାନ୍ ସ୍ୱୟଂ ଅବତାର ନିଅନ୍ତି ଅଥବା ତାଙ୍କରି ବିଧାନରେ ମହାପୁରୁଷମାନେ ପୃଥିବୀରେ ଧର୍ମର ବୃଦ୍ଧି କରନ୍ତି । କିନ୍ତୁ ବିକାଶ ସକାଶେ ଅଜ୍ଞାନର ଆବଶ୍ୟକ ଥିବାରୁ ତାହାର ରୂପାନ୍ତର କରିବାକୁ ପ୍ରୟାସ କରନ୍ତି ନାହିଁ ।

ବର୍ତ୍ତମାନ ସମୟ ଆସିଛି । ମନର ବିକାଶ ଶେଷ ହୋଇ ଯାଇଛି । ଏହା ପରେ ପୃଥିବୀରେ ଅତିମାନସ ବିଜ୍ଞାନ ପ୍ରତିଷ୍ଠା ହେବ । ଏହି କାର୍ଯ୍ୟ କରିବାକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି, ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ଏହି ଅତିମାନସ ଶକ୍ତିର ଧର୍ମ ହେଉଛି ଆନନ୍ଦ, ଅମୃତତ୍ୱ । ପୃଥିବୀରେ ଏହି ଅତିମାନବ ସତ୍ୟ ପ୍ରତିଷ୍ଠା ହେଲେ ଅଜ୍ଞାନ ଶକ୍ତି ଏହାକୁ ଆଲୋକ ସମ୍ମୁଖରେ ଅନ୍ଧକାର ସଦୃଶ ସ୍ପର୍ଶ କରି ପାରିବ ନାହିଁ । ପୃଥିବୀରେ ସ୍ଥାୟୀରୂପେ ସତ୍ୟ, ନ୍ୟାୟ ପ୍ରତିଷ୍ଠା ହେବ ଏବଂ କ୍ରମଶଃ ବୃଦ୍ଧି ହେଉଥିବ । ଏହାର ହ୍ରାସ କେବେ ବି ହେବ ନାହିଁ ।

ପ୍ରଶ୍ନ : ଏହା ହେବ କିପରି ?

ଉତ୍ତର : ଏହି କାର୍ଯ୍ୟ କରୁଛନ୍ତି ଶ୍ରୀମା । ଶ୍ରୀମା ଶ୍ରୀଅରବିନ୍ଦ କଠୋର ତପସ୍ୟା ଦ୍ୱାରା ବିଶ୍ୱରେ ଶାସନ କରୁଥିବା ଆସୁରୀ ଶକ୍ତି ଓ ଅଜ୍ଞାନ ଅନ୍ଧକାର ସହିତ ମହାନ୍ ଯୁଦ୍ଧକରି ଅତିମାନସ ଶକ୍ତିର ଅବତରଣ ପଥ ନିର୍ମାଣ କଲେ ଏବଂ ସେହି ଶକ୍ତିକୁ ଏହି ପୃଥିବୀର ବାତାବରଣରେ ଅବତରଣ କରାଇବା ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ଏହି ପୃଥିବୀର ପ୍ରତିନିଧି ହୋଇ ପୃଥିବୀରେ କ୍ରିୟାଶୀଳ ଥିବା ହିଂସା, ଦ୍ୱେଷ, ସ୍ୱାର୍ଥାଦି ଅଜ୍ଞାନ ଶକ୍ତିକୁ ନିଜ ଶରୀରରେ ଗ୍ରହଣ କରି ଅତିମାନସ ଶକ୍ତିକୁ ୧୯୫୦ ସାଲରେ ଏହି ପୃଥିବୀର ବାତାବରଣରେ ଉତାରି ଆଣି ଶରୀର ତ୍ୟାଗ କଲେ । ସେହି ଶକ୍ତିକୁ ଧାରଣ କଲେ ମା' । ୧୯୫୬ ଫେବ୍ରୁଆରି ମାସ ୨୯ ତାରିଖରେ ସେହି ଶକ୍ତି ପୃଥିବୀରେ କ୍ରିୟାଶୀଳ ହୋଇଥିଲା । ପ୍ରତି ଚାରିବର୍ଷ ପରେ ଫେବ୍ରୁଆରି ୨୯ ତାରିଖରେ ଅତିମାନସ ପ୍ରକାଶର ଉତ୍ସବ ଆଶ୍ରମ ତଥା ଆଶ୍ରମର କେନ୍ଦ୍ରମାନଙ୍କରେ ପାଳିତ ହୁଏ । ସେହି ଶକ୍ତି ଦ୍ୱାରା ମା' ପୃଥିବୀର ପ୍ରତିନିଧି ହୋଇ ନିଜ ଶରୀର ତଥା ବିଶ୍ୱଶକ୍ତିର ରୂପାନ୍ତର କାର୍ଯ୍ୟ

କରୁଛନ୍ତି । କୌଣସି ବ୍ୟକ୍ତି ଅଭୀପ୍ସା (ନିଃସ୍ୱାର୍ଥଭାବେ ଚାହିଁବା), ମା'ଙ୍କୁ ସମର୍ପଣ, ପ୍ରତିକୂଳ ଗତିବୃତ୍ତିର କର୍ମକୁ ତ୍ୟାଗକଲେ ତାଙ୍କ ମଧ୍ୟରେ ବି ରୂପାନ୍ତର ହେବ । ବ୍ୟକ୍ତିକୁ କରିବାକୁ ହେବ ଅଭୀପ୍ସା, ସମର୍ପଣ ତଥା ପ୍ରତିକୂଳ କର୍ମର ତ୍ୟାଗ । ଏଥିରେହିଁ ହେବ ନିଜ ମନ-ପ୍ରାଣ-ଶରୀରର ଶୁଦ୍ଧି ବା ପ୍ରସ୍ତୁତି; ତେବେ ଏସବୁକୁ ରୂପାନ୍ତର କରିପାରିବ ଅତିମାନସ ଶକ୍ତି ।

ପ୍ରଶ୍ନ : ଅତିମାନସ ଶକ୍ତି ଦ୍ୱାରା ଯଦି ବ୍ୟକ୍ତି ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିପାରେ ତେବେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଉତାରି ଆଣି ଶରୀର ତ୍ୟାଗ କଲେ କାହିଁକି ?

ଉତ୍ତର : ପୃଥିବୀର ବ୍ୟକ୍ତି ଅତିମାନସ ଶକ୍ତିକୁ ଧାରଣ କରିବା ସକାଶେ ପ୍ରସ୍ତୁତ ନ ଥିଲେ ବୋଲି ।

ଅତିମାନସ ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାକୁ ବହୁତ ବର୍ଷ ଲାଗେ । ଅତିମାନସ ଶକ୍ତିର ଅବତରଣ ସଙ୍ଗେ ସଙ୍ଗେ ବ୍ୟକ୍ତି ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିପାରେ ନାହିଁ । ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରିବା ସକାଶେ ଶ୍ରୀଅରବିନ୍ଦ ନିଜ ଶରୀରକୁ ଉତ୍ସର୍ଗ କଲେ ।

ପୃଥିବୀର କେତେକ ଲୋକ ଯଦି ଅତିମାନସ ଶକ୍ତିକୁ ସଚେତଭାବେ ଚାହିଁଥାଆନ୍ତେ ଏବଂ ନିଜ ଭିତରେ ଥିବା ସ୍ୱାର୍ଥ ଅହଂକୁ କ୍ରିୟାଶୀଳ ହେବାକୁ ଦେଇ ନ ଥା'ନ୍ତେ ତେବେ ଅତିମାନସ ଶକ୍ତି ଅବତରଣ କରି ରୂପାନ୍ତର କ୍ରିୟା କରିପାରିଥା'ନ୍ତା । ମନୁଷ୍ୟ ମଧ୍ୟରେ ସ୍ୱାର୍ଥ, ହିଂସା ମୁକ୍ତରୂପେ କ୍ରିୟା କରୁଛି । ଅତିମାନସ ଶକ୍ତିର ଅବତରଣ ଫଳରେ ସେ ସବୁ ଅଦିବ୍ୟ ଶକ୍ତି ରୂପାନ୍ତରିତ ବା ଅତିମାନସ ଶକ୍ତିର ଅଧୀନସ୍ଥ ହେବାକୁ ଚାହାନ୍ତି ନାହିଁ । ଅତିମାନସ ଶକ୍ତିର ଅବତରଣ ବ୍ୟର୍ଥ କରିବା ସକାଶେ ସେହି ଅହଂ, ସ୍ୱାର୍ଥ, ହିଂସାଦି ଅଜ୍ଞାନ ଶକ୍ତି ସାମନାକୁ ଆସି ଥା'ନ୍ତେ । ତା' ଫଳରେ ସଂସାରରେ ଯୁଦ୍ଧ ହୋଇ ସଂସାର ଧ୍ୱଂସ ହୋଇ ଥା'ନ୍ତା । ସଂସାରକୁ ଧ୍ୱଂସମୁଖରୁ ରକ୍ଷା କରିବା ସକାଶେ ଶ୍ରୀଅରବିନ୍ଦ ବିଶ୍ୱର ଏହିସବୁ ଅଜ୍ଞାନ ଶକ୍ତିକୁ ନିଜ ଶରୀରରେ ଗ୍ରହଣ କଲେ ତଥା ଶରୀର ତ୍ୟାଗକଲେ ଏବଂ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇଲେ – ଯେଉଁ ଶକ୍ତିକୁ ମା' ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଛନ୍ତି ।

ପ୍ରଶ୍ନ : ଆମର ଗୁରୁ ଅଛନ୍ତି । ଆମ୍ଭେ ଯଦି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରୁ ତେବେ ଆମ୍ଭଙ୍କୁ ନିଜ ଗୁରୁ ତ୍ୟାଗ କରିବାକୁ ହେବ । ଗୁରୁ ତ୍ୟାଗ କରିବା ଶାସ୍ତ୍ରରେ ମହାନ୍ ଅପରାଧ ବୋଲି କୁହା ହୋଇଛି । ଏହାର ସମାଧାନ କ'ଣ ?

ଉତ୍ତର : ଏହାର ସମାଧାନ ହେଉଛି କେଉଁ ସକାଶେ ଗୁରୁଙ୍କ ଆଶ୍ରୟ ନିଆହୁଏ, ତାହାରି ଉପରେ । ଯଦି ଗୁରୁ ଗ୍ରହଣ କରିବାର ଉଦ୍ଦେଶ୍ୟ ଭଗବତ୍ ପ୍ରାପ୍ତି ହୁଏ ତେବେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ କୌଣସି ଦୋଷ ହୁଏ ନାହିଁ । କାରଣ ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ଭଗବାନଙ୍କ ସଚ୍ଚିଦାନନ୍ଦ ସ୍ୱରୂପ ଉପଲବ୍ଧ ହୁଏ । ଭଗବତ୍ ପ୍ରାପ୍ତି ମାର୍ଗରେ ବହୁତ ଗୁରୁଙ୍କଠାରୁ ସାହାଯ୍ୟ ନେବାକୁ ହୁଏ । ଯେଉଁ ସିଦ୍ଧ ଗୁରୁ ଜୀବିତ ଅବସ୍ଥାରେ ଶିଷ୍ୟକୁ ଲକ୍ଷ୍ୟରେ ପହଞ୍ଚାଇ ଦେଇଥା'ନ୍ତି, ସେମାନଙ୍କ ଛଡ଼ା ସମସ୍ତ ସାଧକଙ୍କୁ ଅନ୍ୟ ଗୁରୁଙ୍କଠାରୁ ଶିକ୍ଷା ନେବାକୁ ହୁଏ । ଯେତେ ଯେତେ ବଡ଼ ବଡ଼ ମହାପୁରୁଷ ମହାତ୍ମା ହୋଇଛନ୍ତି ସେମାନେ ଏକରୁ ଅଧିକ ଗୁରୁ ଅବଶ୍ୟ ଗ୍ରହଣ କରିଛନ୍ତି । ଚୈତନ୍ୟ ମହାପ୍ରଭୁଙ୍କର ଥିଲେ ଈଶ୍ୱରପୁରୀ ଏବଂ କେଶବଭାରତୀ ଦୁଇଟି ଗୁରୁ, ଶ୍ରୀରାମକୃଷ୍ଣ ପରମହଂସଙ୍କର ଗୁରୁ ମା' କାଳୀ, ତୋତାପୁରୀ ଏବଂ ଭୈରବୀ । ମହାତ୍ମା ନିଗମାନନ୍ଦଙ୍କର ଯୋଗିଗୁରୁ, ଭକ୍ତଗୁରୁ ତଥା ତନ୍ତ୍ରଗୁରୁ । ଅବଧୂତଙ୍କର ଚବିଶ ଗୁରୁ । ଭଗବାନ୍ ଶ୍ରୀରାମଙ୍କର ବଶିଷ୍ଠ ତଥା ବିଶ୍ୱାମିତ୍ର ଦୁଇ ଗୁରୁ । ଶ୍ରୀକୃଷ୍ଣଙ୍କର ତିନି ଗୁରୁ ।

ଦ୍ୱୈତ ସାଧନା, ଯଥା – ବୈଷ୍ଣବ, ତନ୍ତ୍ର ଏବଂ ଅନ୍ୟାନ୍ୟ ପନ୍ଥାବଲମ୍ବୀ, ଯେଉଁମାନେ ଭଗବାନଙ୍କୁ ସଗୁଣରୂପେ ଉପାସନା କରନ୍ତି ସେମାନଙ୍କୁ ଦୀକ୍ଷାଗୁରୁ ତଥା ଶିକ୍ଷାଗୁରୁ ଏହିପରି ଦୁଇଟି ଗୁରୁଙ୍କ ଆଶ୍ରୟ ନେବାକୁ ହୁଏ । ଦୀକ୍ଷାଗୁରୁ ଅର୍ଥ – ଶିଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଗୁରୁଙ୍କ ଆଶ୍ରୟ ନେଲେ ଗୁରୁ ତାଙ୍କୁ ପଞ୍ଚ ସଂସ୍କାର ସହିତ ମନ୍ତ୍ରଦୀକ୍ଷା ଉପଦେଶ ଦିଅନ୍ତି । ଶିଷ୍ୟର ସେସମୟରେ ଭଗବତ୍ ପ୍ରାପ୍ତିର ଆବଶ୍ୟକ ଜ୍ଞାନ ପ୍ରାପ୍ତ କରିବା ସକାଶେ ମନ, ପ୍ରାଣ ଶୁଦ୍ଧ ହୋଇ ନ ଥାଏ । ଗୁରୁଙ୍କ ଉପଦିଷ୍ଟ ମାର୍ଗରେ ସାଧନା ଦ୍ୱାରା କ୍ରମଶଃ ତା'ର ମନ, ପ୍ରାଣ ଶୁଦ୍ଧ ହୁଏ । ତେବେ ସେ ଭଗବତ୍ ସମ୍ବନ୍ଧର ଅଧିକାରୀ ହୁଏ । ଯଦି ସେସମୟରେ ଗୁରୁ ଜୀବିତ ଥା'ନ୍ତି ତେବେ ନଜେ ଶିଷ୍ୟକୁ ତା'ର ସ୍ୱଭାବ

ଅନୁସାରେ ପଞ୍ଚରସ ମଧ୍ୟରୁ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ତଥା ଶାନ୍ତରସର ସମ୍ବନ୍ଧ ଦିଅନ୍ତି । ଯଦି ଗୁରୁ ସ୍ଥୂଳ ଶରୀରରେ ବିଦ୍ୟମାନ ନ ଥା'ନ୍ତି କିଂବା ଗୁରୁ ରସର ଯେଉଁ ଉପାସକ ଶିଷ୍ୟର ସ୍ୱଭାବ ଅନୁସାରେ ସେହି ଅନୁକୂଳ ନ ହୁଏ, ତେବେ ଶିଷ୍ୟ ଅନ୍ୟଗୁରୁଙ୍କଠାରୁ ଏହି ରସ-ସମ୍ବନ୍ଧ ନେଇପାରେ । ଓଡ଼ିଆ ଅଧ୍ୟାତ୍ମ ସାହିତ୍ୟରେ ଦୀକ୍ଷାଗୁରୁ ତଥା ଶିକ୍ଷାଗୁରୁ ନାମରେ ଦୁଇ ଗୁରୁବାଦ ବିଶେଷ ପ୍ରଚଳିତ ଅଛି । ଏହାଛଡ଼ା ଯଦି କୌଣସି ଶିଷ୍ୟ ଉକ୍ତ ଗୁରୁଙ୍କଠାରୁ ଜପ, ଧ୍ୟାନ, ମାନସ ପୂଜାର ଉପଦେଶ ନେବା ପରେ ଯୌଗିକ କ୍ରିୟା ଦ୍ୱାରା ଭଗବତ୍ ପ୍ରାପ୍ତି କରିବାକୁ ଚାହେଁ ତେବେ ସେ ଅନ୍ୟ ଗୁରୁଙ୍କଠାରୁ ଉପଦେଶ ନେଇପାରେ । ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଏହାକୁ କୌଣସି ବ୍ୟକ୍ତି କୌଣସି ଯୁକ୍ତିରେ ଅସ୍ୱୀକାର କରିପାରିବ ନାହିଁ ।

ନିର୍ଗୁଣ ଉପାସନା-ମାର୍ଗରେ ଶରୀର, ସଂସାର ସବୁ ମିଥ୍ୟା, ବ୍ରହ୍ମ କେବଳ ସତ୍ୟ । ଆମେ ଯେଉଁ ମନ, ପ୍ରାଣ, ଶରୀରକୁ ଆମର ବା ଆମେ ବୋଲି କହୁଛୁ ତାହା ସବୁ ମିଥ୍ୟା ମାୟା । ଏହାକୁ ବାଦ୍ ଦେଲେ ଯାହା ରହେ ତାହାହିଁ ସତ୍ୟ ଏବଂ ସେହିଁ ବ୍ରହ୍ମ । ଏହି ସିଦ୍ଧାନ୍ତ ନିର୍ଗୁଣବାଦୀମାନଙ୍କର ।

ଏହି ନିର୍ଗୁଣ ବ୍ରହ୍ମ କେବଳ ଏକ ଆମେ ତାଙ୍କଠାରୁ ପୃଥକ୍ ନୋହୁଁ । ଆମେହିଁ ସେହି ବ୍ରହ୍ମ । ଏହି ସିଦ୍ଧାନ୍ତ ନିର୍ଗୁଣବାଦୀଙ୍କର । ଏହି ସିଦ୍ଧି ଦୀକ୍ଷାନେବା ମାତ୍ରେ ପ୍ରାପ୍ତ ହୁଏ ନାହିଁ । ଏହି ସିଦ୍ଧିର ଦୁଇଟି ସାଧନାମାର୍ଗ – ଗୋଟିଏ କେବଳ ବିଚାର, ଅନ୍ୟଟି ଚିତ୍ତଶୁଦ୍ଧି ସକାଶେ ଭକ୍ତି ଅଥବା ଯୋଗ । ଅଦ୍ୱୈତ ସାଧକମାନେ ନିଜ ନିଜ ରୁଚି ଅନୁସାରେ ଏକ ଗୁରୁଙ୍କଠାରୁ ଚିତ୍ତଶୁଦ୍ଧି ସକାଶେ ଅଥବା ଲକ୍ଷ୍ୟ ସିଦ୍ଧି ସକାଶେ ଅନ୍ୟ ଗୁରୁଙ୍କଠାରୁ ଭକ୍ତି କିଂବା ଯୋଗ ଶିକ୍ଷା ଗ୍ରହଣ କରନ୍ତି । ବହୁତ ସାଧକ ଦୀକ୍ଷା ଗ୍ରହଣ କରନ୍ତି ଗୋଟିଏ ଗୁରୁଙ୍କଠାରୁ, ଲକ୍ଷ୍ୟସିଦ୍ଧି ପର୍ଯ୍ୟନ୍ତ ସମୀପରେ ରହି ଅଧ୍ୟାତ୍ମ ଶିକ୍ଷା ଗ୍ରହଣ କରନ୍ତି ଅନ୍ୟ ଗୁରୁଙ୍କଠାରୁ । ଏହି ଉଦାହରଣ ଗୋଟିଏ ନୁହେଁ ଲକ୍ଷ ଲକ୍ଷ ବିଦ୍ୟମାନ ଅଛି ।

ଯେଉଁମାନଙ୍କର ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ନ ଥାଏ କେବଳ ଗୁରୁ ଗ୍ରହଣ କରିବା ଲକ୍ଷ୍ୟ, ସେମାନେ ଗୁରୁ ଗ୍ରହଣକରି ସନ୍ତୋଷରେ ଥାଆନ୍ତି । ଯେଉଁମାନଙ୍କର ଭଗବତ୍ ପ୍ରାପ୍ତି କରିବା ଲକ୍ଷ୍ୟଥାଏ, ସେମାନେ ଭଗବତ୍ ପ୍ରାପ୍ତି ମାର୍ଗରେ ଆବଶ୍ୟକ ଅନୁସାରେ ଗୁରୁ ଗ୍ରହଣ କରନ୍ତି । ଭଗବତ୍ ପ୍ରାପ୍ତି ମାର୍ଗରେ ଯେ ଜ୍ଞାନ ଦିଅନ୍ତି ସେହି ହେଉଛନ୍ତି ଗୁରୁ ।

ପ୍ରଶ୍ନ : ଆପଣ କହିଲେ, ''ଭଗବତ୍ ପ୍ରାପ୍ତି ପୂର୍ବରୁ ଯେଉଁମାନଙ୍କ ଗୁରୁ ଶରୀର ତ୍ୟାଗ କରିଥା'ନ୍ତି ସେମାନଙ୍କୁ ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ଅନ୍ୟ ଗୁରୁଙ୍କ ସାହାଯ୍ୟ ଆବଶ୍ୟକ ହୁଏ ।'' ଗୁରୁଙ୍କ ଶରୀର ନ ଥାଏ କିନ୍ତୁ ତାଙ୍କ ଆତ୍ମା ଅମର, ଆମେ ଗୁରୁଙ୍କ ପ୍ରତି ଦୃଢ଼ ବିଶ୍ୱାସ ରଖିଲେ ତାଙ୍କ ଆତ୍ମା ଆମକୁ ପରିଚାଳିତ କରିବ ନାହିଁ କି ?

ଉତ୍ତର : ଯେଉଁମାନଙ୍କର ଏପରି ଆତ୍ମବିଶ୍ୱାସ ଅଛି ସେମାନେ ନିଜ ଆତ୍ମାଠାରୁ ପ୍ରେରଣା ପାଇପାରନ୍ତେ, ଗୁରୁଙ୍କ ପାଖକୁ ଯିବା ଆବଶ୍ୟକ ହୁଅନ୍ତା ନାହିଁ । ନିଜ ଆତ୍ମା ଏବଂ ଗୁରୁଙ୍କ ଆତ୍ମାରେ କୌଣସି ପ୍ରଭେଦ ନାହିଁ, ଏକତତ୍ତ୍ୱ । ନିଜ ଆତ୍ମାରେ ଯଦି ବିଶ୍ୱାସ ନାହିଁ, ନିଜ ଆତ୍ମାର ପ୍ରେରଣା ପାଇ ପାରୁ ନ ଥା'ନ୍ତି, ଗୁରୁଙ୍କ ଆତ୍ମାରେ ବିଶ୍ୱାସ କରିବା କେତେଦୂର ଯୁକ୍ତିଯୁକ୍ତ ? ତା'ଛଡ଼ା ଗୁରୁଙ୍କ ଆତ୍ମାର ପ୍ରେରଣାରେ ସାଧନାମାର୍ଗରେ ଅଗ୍ରସର ହେବାର ଆଶା କେବଳ ମାନସିକ ଅହିଂସା, ମାନସିକ ସମତା ବା ସାମ୍ୟ ସଦୃଶ ସିଦ୍ଧାନ୍ତିକ ଅଥବା ବାକ୍ୟରେ କହିବା ହୋଇପାରେ, କିନ୍ତୁ ସାଧାରଣତଃ କାର୍ଯ୍ୟରେ ଦେଖାଯାଏ ନାହିଁ ।

ପ୍ରଶ୍ନ : ଆପଣଙ୍କ ଉତ୍ତରରୁ ସ୍ପଷ୍ଟ ହେଲା, ଗୁରୁଙ୍କ ସ୍ଥୂଳ ଉପଦେଶ ଏବଂ ନିର୍ଦ୍ଦେଶ ଆବଶ୍ୟକ । ଏହି ସୁବିଧା ଆମେ ମା'ଙ୍କଠାରୁ ପାଇପାରିବା ନାହିଁ । ମା'ଙ୍କ ପାଖକୁ ଯାଇ ପ୍ରଣାମ କରିବାର ସୁଯୋଗ ମଧ୍ୟ ନାହିଁ, ପୁଣି ଉପଦେଶ, ନିର୍ଦ୍ଦେଶ ପାଇବା ତ ଦୂରର କଥା । ତେବେ ମା'ଙ୍କୁ ଆତ୍ମ-ସମର୍ପଣ କଲେ ସାଧନାରେ ସାହାଯ୍ୟ ପାଇବୁ କିପରି ?

ଉତ୍ତର : ପ୍ରଣାମ କରିବା ସକାଶେ ମା'ଙ୍କ ସମୀପକୁ ନ ଯାଇ ବହୁଦୂରରେ ଥାଇ ମା'ଙ୍କୁ ସ୍ମରଣ, ସମର୍ପଣ କରିବା ଦ୍ୱାରା ମା'ଙ୍କ ସାହାଯ୍ୟ ପୂର୍ଣ୍ଣରୂପେ ପାଇପାରିବେ; କାରଣ ରୂପାନ୍ତରକାରୀ ମହାନ୍ ଅତିମାନସ ଶକ୍ତିକୁ ମା' ଧାରଣ କରି ସ୍ଥୂଳ ଶରୀରରେ ଏହି ପୃଥିବୀରେ ବିଦ୍ୟମାନ ଅଛନ୍ତି ।

କିଛି ଶିଷ୍ୟଙ୍କୁ ନିର୍ବାଣ, ମୁକ୍ତି, ଭଗବତ୍ ପ୍ରାପ୍ତି କରାଇବା କାର୍ଯ୍ୟ ମା'ଙ୍କର ନୁହେଁ । ସେହି ସକାଶେ ସ୍ଥୂଳରୂପେ

ଶିଷ୍ୟକୁ ନିର୍ଦ୍ଦେଶ ଦେବା ମା'ଙ୍କର ଆବଶ୍ୟକ ହୁଏ ନାହିଁ । ମା'ଙ୍କ କାର୍ଯ୍ୟ ଏହି ପୃଥିବୀରେ ସର୍ବଜ୍ଞାନସମ୍ପନ୍ନ ଅତିମାନବ ଜାତି ପ୍ରତିଷ୍ଠା କରିବା । ଶିଷ୍ୟକୁ ସ୍ଥୂଳ ନିର୍ଦ୍ଦେଶ ଦେବା ଦ୍ୱାରା ଏହା ସିଦ୍ଧ ହୁଏ ନାହିଁ, ହୁଏ ଅତିମାନସ ଶକ୍ତି ଦ୍ୱାରା । ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର ସାଧନା କରୁଛନ୍ତି । ମା'ଙ୍କର ରୂପାନ୍ତର କ୍ରିୟା ହେଉଛି ସ୍ଥୂଳ ଜଡ଼ ଶରୀର ଏବଂ ସ୍ଥୂଳ ପୃଥିବୀରେ । ବ୍ୟକ୍ତି ମା'ଙ୍କୁ ନିଜ ମନ-ପ୍ରାଣ-ଶରୀର ଏବଂ କର୍ମ ସମର୍ପଣ କଲେ ତା' ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରିପାରିବ । ଏହା ହେବ ମା'ଙ୍କ ଉପରେ ବିଶ୍ୱାସ ରଖିଲେ । ପ୍ରାଥମିକ ସାଧନା ସକାଶେ, ଜୀବନର ଲକ୍ଷ୍ୟ ଏବଂ ସାଧନା ଜାଣିବା ସକାଶେ ଲିଖିତ ଗ୍ରନ୍ଥ ପ୍ରସ୍ତୁତ କରାହୋଇଛି । ଆନ୍ତରିକ ପରିଚାଳନା ତଥା ରୂପାନ୍ତର ସକାଶେ ଅତିମାନସ ଶକ୍ତି ବିଦ୍ୟମାନ ଅଛି । ଏହି କାରଣରୁ ମା'ଙ୍କ ସ୍ଥୂଳ ନିର୍ଦ୍ଦେଶର ଆବଶ୍ୟକତା ନାହିଁ ।

ପ୍ରଶ୍ନ : ଆପଣଙ୍କ ଉତ୍ତର ଯୁକ୍ତିଯୁକ୍ତ । କିନ୍ତୁ ନିଜ ଗୁରୁଙ୍କୁ ଛାଡ଼ି ଅନ୍ୟ ଗୁରୁ ଗ୍ରହଣ କରିବାକୁ କେତେକ ବ୍ୟକ୍ତି ନିଷେଧ କରନ୍ତି କାହିଁକି ? ଶାସ୍ତ୍ର ବିରୋଧ କରେ କାହିଁକି ?

ଉତ୍ତର : ଅନ୍ୟ ଗୁରୁ ଗ୍ରହଣ କରିବାକୁ ବିରୋଧ କରନ୍ତି ଦୁଇପ୍ରକାର ବ୍ୟକ୍ତି । ଗୋଟିଏ ଶ୍ରେଣୀର ବ୍ୟକ୍ତି ଯେଉଁମାନେ ଗୁରୁଙ୍କ ଅର୍ଥ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧେ ଗଭୀରଭାବେ ବିଚାର କରି ନ ଥା'ନ୍ତି । ଅନ୍ୟ ଶ୍ରେଣୀର ବ୍ୟକ୍ତି ଗୁରୁବାଦର ପକ୍ଷପାତୀ । ସେମାନେ ଶିଷ୍ୟ ସଂଖ୍ୟା ବୃଦ୍ଧି କରିବାକୁ ଚାହାନ୍ତି । ଏହି ମନୋଭାବ ଯୋଗୁଁ ଶାସ୍ତ୍ରର ରହସ୍ୟ ଜାଣିବାକୁ ନ ଚାହିଁ ଅନ୍ୟ ଗୁରୁ ଗ୍ରହଣ କରିବା ଶାସ୍ତ୍ର ନିଷେଧ କରିଛି ବୋଲି କହନ୍ତି ।

ପ୍ରଶ୍ନ : ଅନ୍ୟ ଗୁରୁ ଗ୍ରହଣ ନ କରିବାକୁ ଶାସ୍ତ୍ର ନିଷେଧ କରିଛି କାହିଁକି ?

ଉତ୍ତର : ବାସନା କାମନାରେ ମୋହିତ ବ୍ୟକ୍ତିଙ୍କ ଗୁରୁନିଷ୍ଠା ଦୃଢ଼ କରିବା ସକାଶେ ।

ଯେଉଁମାନଙ୍କର ଆତ୍ମା କିଛି ଅଂଶରେ ଜାଗ୍ରତ୍ ହୋଇଥାଏ କିନ୍ତୁ ମନ-ପ୍ରାଣ କାମନା ବାସନାରେ ପୂର୍ଣ୍ଣ ହୋଇଥାଏ, ବିବେକ ଉତ୍ପନ୍ନ ହୋଇ ନ ଥାଏ, ସେମାନେ ରୋଗ ଦୂର କରିବା, ମୋକଦ୍ଦମାରେ ଜିତେଇଦେବା, ଭୂତ ଭବିଷ୍ୟଦ୍‌ବାଣୀ କହିଦେବା ବ୍ୟକ୍ତିଙ୍କ ଚମତ୍କାରିତା ଦେଖି ନିଜ ଗୁରୁ ଅପେକ୍ଷା ଶ୍ରେଷ୍ଠ ମାନି ନିଜ ଗୁରୁଙ୍କୁ ଛାଡ଼ି ତାଙ୍କର ଶିଷ୍ୟ ହୁଅନ୍ତି । ଏଥିରେ ଗୁରୁଙ୍କ ପ୍ରତି ନିଷ୍ଠା ରହେ ନାହିଁ । ନିଷ୍ଠା ବିନା ଶ୍ରଦ୍ଧା ବିଶ୍ୱାସ ଉତ୍ପନ୍ନ ହେବା ସମ୍ଭବ ନୁହେଁ । ଶ୍ରଦ୍ଧା, ବିଶ୍ୱାସ, ନିଷ୍ଠା ବିନା ଶିଷ୍ୟ ଗୁରୁଙ୍କ ସାହାଯ୍ୟ ଗ୍ରହଣ କରିପାରେ ନାହିଁ । ଗୁରୁଙ୍କ ବାହ୍ୟ ତଥା ଆନ୍ତରିକ ସାହାଯ୍ୟ ବିନା ଭଗବତ୍ ପ୍ରାପ୍ତି ସମ୍ଭବ ନୁହେଁ । ଏହିପରି ବ୍ୟକ୍ତିଙ୍କ ଗୁରୁନିଷ୍ଠା ଦୃଢ଼ କରିବା ସକାଶେ ଅନ୍ୟ ଗୁରୁ ଗ୍ରହଣ କରିବାକୁ ଶାସ୍ତ୍ର ନିଷେଧ କରିଛି । ଯେଉଁମାନେ ଯଥାର୍ଥରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଗ୍ରହଣ କରିଥା'ନ୍ତି ସେମାନଙ୍କ ସକାଶେ ଶାସ୍ତ୍ର କଦାପି ମନା କରି ନାହିଁ । ଶାସ୍ତ୍ରପ୍ରଣେତା ଋଷି, ମୁନି, ଆଚାର୍ଯ୍ୟ, ମହାପୁରୁଷମାନେ ଭଗବତ୍ ପ୍ରାପ୍ତି ମାର୍ଗରେ ଗୁରୁଙ୍କ ଛଡ଼ା ଅନ୍ୟ ବହୁ ଋଷି ମୁନିଙ୍କଠାରୁ ସାହାଯ୍ୟ ନେଇଅଛନ୍ତି । ଜଣେ ଗୁରୁ ବ୍ୟତୀତ ଅନ୍ୟ ଗୁରୁ ଗ୍ରହଣ କରିବାକୁ ଶାସ୍ତ୍ର ଯଦି ତୁମ ଧାରଣା ଅନୁସାରେ ନିଷେଧ କରିଥା'ନ୍ତା ତେବେ ଜଣେ ଉକ୍ତ ଗୁରୁଙ୍କ ଶିଷ୍ୟ ନିଜ ପ୍ରକୃତି ବା ଆତ୍ମାର ଅଭୀପ୍ସା ଅନୁସାରେ ସେ ଅନ୍ୟ ଗୁରୁଙ୍କଠାରୁ ଯୋଗ ଗ୍ରହଣ କରି ନ ଥା'ନ୍ତେ କିଂବା ଅନ୍ୟ ଅଧ୍ୟାତ୍ମ ଶିକ୍ଷାରୁ ବଞ୍ଚିତ ହୋଇଥା'ନ୍ତେ । ଯେଉଁମାନଙ୍କର ଭଗବତ୍ ପ୍ରାପ୍ତି ପୂର୍ବରୁ ତାଙ୍କ ଗୁରୁ ଶରୀର ତ୍ୟାଗ କରନ୍ତି ସେମାନେ ଭଗବତ୍ ପ୍ରାପ୍ତି ଆଶାରୁ ବିରତ ରହିଥା'ନ୍ତେ । ଏପରି ହୋଇ ନାହିଁ, ପୂର୍ବେ ଏବଂ ବର୍ତ୍ତମାନ ବହୁତ ସନ୍ଥ ମହାତ୍ମା ଅନେକ ସିଦ୍ଧ ସନ୍ଥଙ୍କଠାରୁ ସାହାଯ୍ୟ, ଉପଦେଶ ଏବଂ ଶିକ୍ଷା ନେଇଅଛନ୍ତି ତଥା ଶିକ୍ଷାଗୁରୁ ରୂପେ ଗ୍ରହଣ କରି ଶେଷ ଜୀବନ ଅବଧି ତାଙ୍କ ସେବାରେ ରହିଛନ୍ତି । ବୈଷ୍ଣବ ଭାଷାରେ ଏମାନଙ୍କୁ କୁହାଯାଏ 'ସାଦିକ' ଶିଷ୍ୟ ଅର୍ଥାତ୍ ସାଧକ ଶିଷ୍ୟ ରୂପେ ପ୍ରାପ୍ତ ।

ଗୁରୁ ଗ୍ରହଣ କରିବା ପ୍ରଶ୍ନ ଉଠିପାରେ କେବଳ ପୁରାତନ ଯୋଗ ସକାଶେ । ଶ୍ରୀଅରବିନ୍ଦଙ୍କ ଯୋଗ ସକାଶେ ଏହି ପ୍ରଶ୍ନ କଦାପି ଉଠିପାରେ ନାହିଁ । କାରଣ ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ସିଦ୍ଧି ତଥା ସମସ୍ତ ପୁରାତନ ଯୋଗର ସମନ୍ୱୟ ହୁଏ । ପ୍ରତ୍ୟକ୍ଷରୂପେ ବୈଷ୍ଣବ, ସନ୍ନ୍ୟାସୀ, ଜୈନ, ବୌଦ୍ଧ, ଖ୍ରୀଷ୍ଟିଆନ, ଇସ୍‌ଲାମ୍ ଆଦି ବହୁ ଧର୍ମାବଲମ୍ବୀ, ବହୁ ଧର୍ମ ସମ୍ପ୍ରଦାୟର ସାଧକ ଆଶ୍ରମରେ ରହି ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା କରୁଛନ୍ତି ।

ପ୍ରତ୍ୟେକ ମନୁଷ୍ୟ – ଆବାଳ ବୃଦ୍ଧ ବନିତା – ସମସ୍ତ ବ୍ୟକ୍ତି ଚାହାନ୍ତି ଦୁଃଖରହିତ ପରମ ସୁଖ, ଅଶାନ୍ତି ବିହୀନ

ପରମ ଶାନ୍ତି, ରୋଗ ଜରା ମୃତ୍ୟୁରୁ ମୁକ୍ତ ଅମରତ୍ୱ । କୌଣସି ବ୍ୟକ୍ତି ଦୁଃଖ, ଅଶାନ୍ତି, ରୋଗ, ଜରା, ମୃତ୍ୟୁ କଦାପି ଚାହେଁ ନାହିଁ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହା ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ପୁରାତନ କେତେକ ଯୋଗରେ ଭଗବାନଙ୍କ ସଗୁଣ ରୂପ ଉପଲବ୍ଧି କରାହୁଏ; ଆଉ କେତେକ ଯୋଗରେ ନିର୍ଗୁଣ ତତ୍ତ୍ୱରେ ସାଧକ ଏକତ୍ୱ ପ୍ରାପ୍ତ ହୁଏ । ଏହି ଭିନ୍ନ ଭିନ୍ନ ଉପଲବ୍ଧି ଯୋଗୁଁ ବିରୁଦ୍ଧ ମତବାଦ ସୃଷ୍ଟି ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରାତନ ଯୋଗର ଲକ୍ଷ୍ୟ ସଗୁଣ ବ୍ରହ୍ମ ପ୍ରାପ୍ତି ତଥା ନିର୍ଗୁଣ ଉପଲବ୍ଧି ହୁଏ; ଏବଂ ଏହି ଏକହିଁ ସଙ୍ଗେ ଉଭୟ ଧର୍ତ୍ତା ସଚ୍ଚିଦାନନ୍ଦ ପୁରୁଷୋତ୍ତମ ପରଂବ୍ରହ୍ମ ବି ଉପଲବ୍ଧି ହୁଏ । ଏହି କାରଣରୁ ବିରୁଦ୍ଧ ମତବାଦର ସମନ୍ୱୟ ହୁଏ ।

ପ୍ରଶ୍ନ : ପୁରାତନ ଯୋଗରେ ପୁରୁଷୋତ୍ତମ ତତ୍ତ୍ୱ ପ୍ରାପ୍ତ ହୁଏ ନାହିଁ, ଶ୍ରୀଅରବିନ୍ଦଙ୍କ ଯୋଗରେ ହୁଏ, ଏହାର ପ୍ରମାଣ କ'ଣ ?

ଉତ୍ତର : ପୁରାତନ ଯୋଗରେ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ପ୍ରାପ୍ତ ହୋଇ ନାହିଁ – ଏହାର ପ୍ରମାଣ ହେଉଛି ସେମାନଙ୍କ ଦର୍ଶନ ଶାସ୍ତ୍ରରେ ମତଭେଦ ରହିଅଛି ଏବଂ ସେମାନେ ଶରୀର ରୂପାନ୍ତର, ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠାର ସନ୍ଧାନ ପାଇ ନାହାନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ ସଚ୍ଚିଦାନନ୍ଦତ୍ୱ ଉପଲବ୍ଧ ହେବାର ପ୍ରମାଣ ହେଉଛି ଏହି ଯୋଗରେ ଶରୀର ରୂପାନ୍ତର ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠାର ସନ୍ଧାନ ପ୍ରାପ୍ତ ହୋଇଛି ଏବଂ ଏହାକୁ ଲକ୍ଷ୍ୟରୂପେ ଗ୍ରହଣ କରାଯାଇଛି । ଏହି କାରଣରୁ ଏହି ଯୋଗରେ ପୁରାତନ ଯୋଗର ଦାର୍ଶନିକ ବିରୁଦ୍ଧ ମତବାଦ ସମନ୍ୱୟ କରାହୋଇଛି ।

ଅତିମାନସ ଚେତନାର ଗୁଣ ଧର୍ମ ହେଉଛି ଅସୀମ ଜ୍ଞାନ, ଅନନ୍ତ ଆନନ୍ଦ, ଅଫୁରନ୍ତ ଶକ୍ତି । ସେଥିରେ ବ୍ରହ୍ମଙ୍କ ସାକାର, ନିରାକାର ଉଭୟ ସ୍ୱରୂପ ଏକହିଁ ସଙ୍ଗେ ପ୍ରାପ୍ତ ହୁଏ ଏବଂ ବ୍ୟକ୍ତିର ମନ-ପ୍ରାଣ-ଶରୀରର ରୂପାନ୍ତର, ରୋଗ, ଜରା, ମୃତ୍ୟୁରୁ ମୁକ୍ତ ଦିବ୍ୟ ଜୀବନ ରହସ୍ୟ ଉଦ୍‌ଘାଟନ ହୁଏ । ପୁରାତନ ଯୋଗୀମାନେ ଅତିମାନସ ଚେତନାରେ ସଚ୍ଚିଦାନନ୍ଦ ପ୍ରାପ୍ତ କରି ନ ଥିବାରୁ ସେମାନଙ୍କ ପାଖରେ ଏହି ରହସ୍ୟ ଆବୃତ ରହିଥାଏ ।

ପ୍ରଶ୍ନ : ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ କୌଣସି ମୁନି-ଋଷି ମହାପୁରୁଷଙ୍କର ସଚ୍ଚିଦାନନ୍ଦ ଉପଲବ୍ଧି ହୋଇ ନାହିଁ ?

ଉତ୍ତର : ଶ୍ରୀଅରବିନ୍ଦ କହିଛନ୍ତି, ଅଳ୍ପ କେତେକ ମୁନି, ଋଷି ଅତିମାନସ ଚେତନାରେ ଆରୋହଣ କରି ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିଛନ୍ତି । କିନ୍ତୁ ସମୟ ଆସି ନ ଥିବାରୁ ସେହି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ପାର୍ଥିବ ଶରୀରକୁ ରୂପାନ୍ତର କରିବାକୁ ପ୍ରୟାସ କରି ନାହାନ୍ତି । ଯେଉଁ ଅଳ୍ପ କେତେକ ସାଧକ ଅତିମାନସ ଚେତନାରେ ଆରୋହଣ ନ କରି କେବଳ ମନ-ପ୍ରାଣ-ଶରୀର ସମ୍ବନ୍ଧ ବିଚ୍ଛେଦ କରି ସଚ୍ଚିଦାନନ୍ଦ ଚେତନା ପ୍ରାପ୍ତ ହୋଇଛନ୍ତି ସେମାନଙ୍କ ପାଖରେ ଏହି ରୂପାନ୍ତର ରହସ୍ୟାବୃତ ରହିଅଛି ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗରେ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧ ହୁଏ, ଏହା ଠିକ୍ କିନ୍ତୁ ଏହାର ସାଧନା-ପ୍ରଣାଳୀ କ'ଣ ?

ଉତ୍ତର : ପୂର୍ବେ କୁହାଯାଇଛି ଏହି ଯୋଗର ସାଧନା – ଅଭୀପ୍ସା, ସମର୍ପଣ ଓ ତ୍ୟାଗ ।

ପ୍ରଶ୍ନ : ଏତେ ବଡ଼ ରୂପାନ୍ତର ସିଦ୍ଧି କେବଳ ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଦ୍ୱାରା କିପରି ସମ୍ଭବ ହେବ ?

ଉତ୍ତର : ସମ୍ଭବ ହେବ ଅତିମାନସ ଶକ୍ତି ଦ୍ୱାରା ।

ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଦ୍ୱାରା ରୂପାନ୍ତର ହେବ ନାହିଁ, ଏହାଦ୍ୱାରା କେବଳ ଅତିମାନସ ଶକ୍ତି ନିଜ ମଧ୍ୟରେ କାର୍ଯ୍ୟ କରିବା ସକାଶେ ମାର୍ଗ ନିର୍ମାଣ କରାହେବ । ଏହି ଯୋଗର ସାଧନା ଏବଂ ସିଦ୍ଧି ଅତିମାନସ ଶକ୍ତି । ମନୁଷ୍ୟ ମଧ୍ୟରେ ରୋଗ, ଜରା, ମୃତ୍ୟୁ, ଅଜ୍ଞାନ, ହିଂସା, ଦ୍ୱେଷ, କାମ, କ୍ରୋଧ, ଅହଂ, ସ୍ୱାର୍ଥର ମୂଳଉତ୍ସ ଯେଉଁ ଆସୁରିକ ଶକ୍ତି ସେ ମହା ଶକ୍ତିଶାଳିନୀ ଏବଂ ମହା ମାୟାବିନୀ । ତାକୁ ରୂପାନ୍ତର କରିବା ତ ଦୂରର କଥା ତା' ମାୟାରୁ ମୁକ୍ତ ହେବା ଅସମ୍ଭବ । ସେଥିପାଇଁ ପୁରାତନ ଯୋଗ ଏହି ଚେଷ୍ଟା କରି ନ ଥିଲେ । ଏହି ଆସୁରୀ ଶକ୍ତିକୁ ରୂପାନ୍ତର କରିବାକୁ ହେଲେ ପୂର୍ଣ୍ଣରୂପେ ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିଦେବାକୁ ହୁଏ । ତା'ହେଲେ ମା' ଅତିମାନସ ଶକ୍ତି ଦ୍ୱାରା ଏହିସବୁ ଆସୁରୀ ଶକ୍ତିକୁ ରୂପାନ୍ତର କରନ୍ତି ।

ଏହି ଯୋଗର ରହସ୍ୟ ହେଉଛି ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଏବଂ ନିର୍ଭରତା ।

ପ୍ରଶ୍ନ : ଦୃଢ଼ ବିଶ୍ୱାସ ଏବଂ ନିର୍ଭରତାର ସ୍ୱରୂପ କ'ଣ ?

ଉତ୍ତର : ଶିଶୁର ଯେପରି ମା' ପ୍ରତି । ଶିଶୁ ଯେପରି ସମସ୍ତ ପ୍ରକାର ବିପଦ ଆପଦରୁ ରକ୍ଷା ପାଇବା ନିମିତ୍ତ, ସମସ୍ତ ପ୍ରକାର ହିତର ଆଶା ମା' ଛଡ଼ା ଅନ୍ୟ କାହାରି ଉପରେ ରଖେ ନାହିଁ, ସେହିପରି ନିଜର ସମସ୍ତ ପ୍ରକାର ହର୍ଷ, ଶୋକ, ବିପଦ ଆପଦରେ ମା'ଙ୍କ ଉପରେ ନିର୍ଭରତା ରଖିବା ଛଡ଼ା ଅନ୍ୟ କାହାରି ଉପରେ ନ ରଖିବା ହେଲା ଦୃଢ଼ ବିଶ୍ୱାସର ସ୍ୱରୂପ । ମା'ଙ୍କ ଉପରେ ବିଶ୍ୱାସ ରଖିବାର ଅର୍ଥ ନିଷ୍କ୍ରିୟତା ନୁହେଁ, ସାଧନା କରିବା ଏବଂ ସାଧନା ଉପରେ ନିର୍ଭରତା ନ ରଖି ମା'ଙ୍କ ଉପରେ ନିର୍ଭରତା ରଖିବା । ଶିଶୁ ନିଷ୍କ୍ରିୟ ନ ଥାଏ, ମାଆ ମାଆ କରି କାନ୍ଦେ ଏବଂ ଭୟ ହେଲେ ମାଆଙ୍କୁ ଜାବୁଡ଼ି ଧରେ ।

ବିଶ୍ୱାସର ଦୁଇଟି ଅବସ୍ଥା । ଗୋଟିଏ ବିଶ୍ୱାସ-ପ୍ରଧାନ ସାଧନା ଅନ୍ୟଟି ସାଧନା-ପ୍ରଧାନ ବିଶ୍ୱାସ । ଏହି ଦୁଇଟି ଅବସ୍ଥା ବାହ୍ୟ-କର୍ମରେ ପୂର୍ଣ୍ଣ ରୂପେ ସମାନ, କେବଳ ଆନ୍ତରିକ ଭାବରେ ପୃଥକ୍ ।

ବିଶ୍ୱାସ-ପ୍ରଧାନ ସାଧକ ସମସ୍ତ କର୍ମ, ଗତିବୃତ୍ତିକୁ ମା'ଙ୍କ ଚରଣରେ ସମର୍ପଣ କରେ, ମା'ଙ୍କ ଚରଣରେ ନିଜକୁ ଦେଇଦେବା ସକାଶେ । ଶାନ୍ତି, ଜ୍ୟୋତିଃ, ଆନନ୍ଦ ନିଜ ଆଧାରରେ ପ୍ରତିଷ୍ଠା କରିବା ସକାଶେ ଅଭୀପ୍ସା କରେ; ପ୍ରତିକୂଳ କର୍ମ, ପ୍ରତିକୂଳ ଗତିବୃତ୍ତି, ପ୍ରତିକୂଳ ମାନସିକ ଭାବନା ସମ୍ବନ୍ଧରେ ସତତ ସଜାଗ ହୋଇ ତ୍ୟାଗ କରେ । କିନ୍ତୁ ଏହି କ୍ରିୟା ଉପରେ ନିର୍ଭରଶୀଳ ନ ହୋଇ ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିଥାଏ । ସାଧନାରେ ଉନ୍ନତି ହେଲେ ସାଧନା ଯୋଗୁଁ ସେହି ଉନ୍ନତି ହୋଇଛି ବୋଲି ଭାବେ ନାହିଁ, ସେଥିରେହିଁ ମା'ଙ୍କ କୃପା ଅନୁଭବ କରେ । ଯଦି ସାଧନା ଯୋଗୁଁ ଉନ୍ନତି ହୋଇଥିବା ମନ-ପ୍ରାଣର କୌଣସି ଭାଗରେ ଅହଂ ପ୍ରକାଶ ପାଏ ତେବେ ସେ ତାହା ବର୍ଜନ କରିବାକୁ ମା'ଙ୍କୁ ପ୍ରାର୍ଥନା କରେ । ମହାନ୍ ବିପଦ ଆସିଲେ ସେ ହତାଶ, ନିରାଶ, ବ୍ୟତିବ୍ୟସ୍ତର ଗହ୍ୱରରେ ପତିତ ହୁଏ ନାହିଁ । ଏଥିରୁ ଉଦ୍ଧାର ହେବା ସକାଶେ ଦୃଢ଼ତା ସହିତ ମା'ଙ୍କୁ ଡାକେ ।

ସାଧନା-ପ୍ରଧାନ ବିଶ୍ୱାସ ଗୌଣ ଥିବା ସାଧକର ସମସ୍ତ ସାଧନା ବା କର୍ମ ଠିକ୍ ବିଶ୍ୱାସ-ପ୍ରଧାନ ଥିବା ସାଧକ ସଦୃଶ ସମ୍ପାଦିତ ହୁଏ, ସମର୍ପଣ ବି ହୁଏ । କିନ୍ତୁ ସାଧନାରେ ଅଗ୍ରସର ହେଲେ ମା'ଙ୍କ କୃପାରୁ ହୋଇଛି ବୋଲି ଶବ୍ଦରେ କୁହେ କିନ୍ତୁ ସତ୍ତାର ଗୋଟିଏ ଭାଗ ଉନ୍ନତିର କାରଣ ସାଧନା ବୋଲି ଧରିନିଏ । ବିପଦ ଆସିବା ମାତ୍ରେ ସେ ମା'ଙ୍କ ରକ୍ଷାଶକ୍ତିକୁ ଭୁଲିଯାଏ, ସ୍ୱୟଂ ରକ୍ଷାର ଉପାୟ ଖୋଜେ; ନାନା ପ୍ରକାର ହତାଶା, ନିରାଶା ତଥା ବିପଦର ଆଶଙ୍କାରେ ବ୍ୟତିବ୍ୟସ୍ତ ହୋଇପଡ଼େ । ଏହାଦ୍ୱାରା ବିପଦ ଶକ୍ତିଶାଳୀ ହୁଏ ଏବଂ ଦୁଃଖ କଷ୍ଟ ବଢ଼ିଯାଏ । ଏହି ସମୟରେ ବି ମା' ତା' ଚେତନାର ଅନ୍ତରାଳରେ ରହି ତାକୁ ରକ୍ଷା କରିଥା'ନ୍ତି — କେବଳ ତା'ର ସଚେତନ ଅବସ୍ଥାକୁ ଅପେକ୍ଷା କରିଥା'ନ୍ତି । ସେ ବ୍ୟକ୍ତିଗତ ପ୍ରୟାସରେ ଅସଫଳ ହେବା ମାତ୍ରେ ସର୍ବତୋଭାବେ ସର୍ବାନ୍ତଃକରଣରେ ମା'ଙ୍କୁ ଡାକେ । ଡାକିବା ମାତ୍ରେ ମା' ରକ୍ଷା କରନ୍ତି । ଏହିପରି ବାରଂବାର ଘଟିବା ଦ୍ୱାରା ବ୍ୟକ୍ତିର ମା'ଙ୍କ ପ୍ରତି ବିଶ୍ୱାସ ଦୃଢ଼ ହୁଏ । ଶେଷରେ ସାଧନା ଉପରୁ ବିଶ୍ୱାସ ଅପସରି ମା'ଙ୍କ ଉପରେ ଦୃଢ଼ ହୁଏ । କାହାର ସାଧନା ଆରମ୍ଭରୁ ବିଶ୍ୱାସ-ପ୍ରଧାନ ସାଧନା ଗୌଣ ଥାଏ, କାହାର ସାଧନାରେ ବାଧା ବିପତ୍ତି ମଧ୍ୟ ଦେଇ ଗତି କରିବା ପରେ ତା'ର ବିଶ୍ୱାସ-ପ୍ରଧାନ ହୁଏ । ଶେଷରେ ମା'ଙ୍କୁ ପୂର୍ଣ୍ଣ ସମର୍ପଣ କରେ ଏବଂ ଅଖଣ୍ଡ ବିଶ୍ୱାସ ରଖେ । ଏହା ବ୍ୟତୀତ ରୂପାନ୍ତର ସିଦ୍ଧି ସମ୍ଭବ ହୁଏ ନାହିଁ । ମା'ଙ୍କ ପ୍ରତି ବିଶ୍ୱାସ ଗୌଣ ଥିବା ସାଧନା-ପ୍ରଧାନ ବ୍ୟକ୍ତିର ସାଧନା ଅବସ୍ଥାରେ ଦୁଃଖ କଷ୍ଟ, ଦ୍ୱନ୍ଦ୍ୱ ଆଦି ବିଶ୍ୱାସ-ପ୍ରଧାନ ଥିବା ସାଧକ ଅପେକ୍ଷା ଅଧିକ ହୁଏ । ସାଧନାରେ କିଛି ବିଳମ୍ବ ହୋଇପାରେ କିନ୍ତୁ ପରିଣାମରେ କୌଣସି ପାର୍ଥକ୍ୟ ନ ଥାଏ । ଉଭୟ ସାଧକକୁ ମା' ରକ୍ଷା କରନ୍ତି, ପତନ ହେବାକୁ ଦିଅନ୍ତି ନାହିଁ ।

ପ୍ରଶ୍ନ : ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ ବୁଝି ପାରିଲି । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଗୁରୁବାଦର କୌଣସି ପ୍ରକାର ବ୍ୟତିକ୍ରମ ହୁଏ ନାହିଁ । ଏହା ଏକେବାରେ ଠିକ୍ । ମା' କାହାରିକୁ ଦୀକ୍ଷା ଦିଅନ୍ତି ନାହିଁ; ଯାହା ପୁରାତନ ଯୋଗରେ ପ୍ରତିବାଦ କରିବାର ପ୍ରଧାନ କାରଣ । ମା' କେବଳ ସାହାଯ୍ୟ କରନ୍ତି । ଯେଉଁ ସାଧକ

ଯେଉଁଠାରେ ରହି ମା'ଙ୍କ ଉପରେ ନିର୍ଭରତା ରଖିପାରେ ସେ ନିଜ ଅନ୍ତରରେ ମା'ଙ୍କ ସାହାଯ୍ୟ ଓ ପ୍ରେରଣା ପାଏ । ଏହା ଏକେବାରେ ଯୁକ୍ତିଯୁକ୍ତ ।

କିନ୍ତୁ ପୃଥିବୀରେ ଏକ ନୂତନ ଅତିମାନବ ଜାତି ପ୍ରତିଷ୍ଠିତ ହେବା କଥା କହୁଛନ୍ତି, ତାହା ହେବ କିପରି ? ପଣ୍ଡିଚେରୀ ଆଶ୍ରମରେ ଯେଉଁମାନେ ରହିଛନ୍ତି, ସେମାନେ ବାହାରକୁ ଯିବାକୁ ଚାହୁଁ ନାହାନ୍ତି, ତା' ହେଲେ ସଂସାରରେ ପରିବର୍ତ୍ତନ ଆସିବ କିପରି ?

ଉତ୍ତର : ଯେଉଁ ଅତିମାନସ ଶକ୍ତି ଦ୍ୱାରା ମା' ଆଶ୍ରମର ସାଧକ ସାଧିକାମାନଙ୍କୁ ସାହାଯ୍ୟ କରି ଲକ୍ଷ୍ୟ ଦିଗରେ ଅଗ୍ରସର କରାଉଅଛନ୍ତି, ସେହି ଅତିମାନସ ଶକ୍ତିର ପ୍ରଭାବରେ ସମସ୍ତ ବିଶ୍ୱରେ ପରିବର୍ତ୍ତନ ହେବ । ସୂର୍ଯ୍ୟଙ୍କର ପ୍ରକାଶ ସ୍ୱରୂପ ମା' ସତ୍ୟ, ଜ୍ୟୋତିଃ ପ୍ରଦାନ କରୁଅଛନ୍ତି । ଯେଉଁ ବ୍ୟକ୍ତିର ଅନ୍ତର ମା'ଙ୍କ ପ୍ରତି ଯେତେ ଉନ୍ମୁକ୍ତ ଥିବ ସେ ସେତେ ପରିମାଣରେ ଅତିମାନସ ଶକ୍ତିର ପ୍ରଭାବ ଗ୍ରହଣ କରି ପାରିବ ଏବଂ ପ୍ରଭାବିତ ହୋଇ ପାରିବ । ଯେଉଁ ଅତିମାନସ ଶକ୍ତିର ପ୍ରଭାବରେ ଅଜ୍ଞାତ ଭାବରେ ତୁମ ଅନ୍ତରରେ ଜିଜ୍ଞାସା ଉତ୍ପନ୍ନ ହୋଇଛି ଏବଂ ତୁମେ ଅଜ୍ଞାତ ଶକ୍ତିର ପ୍ରେରଣାରେ ପ୍ରେରିତ ହୋଇ ଏଠାକୁ ଆସିଅଛ, ସେହି ଶକ୍ତିର ପ୍ରଭାବରେ ଓଡ଼ିଶାରେ ଏବଂ ଭାରତର ଅନ୍ୟାନ୍ୟ ସ୍ଥାନରେ ତଥା ବିଦେଶରେ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସଂଘ ଆଦି ପ୍ରତିଷ୍ଠିତ ହେଉଅଛି, ସମ୍ମିଳନୀ ଆଦି ଅନୁଷ୍ଠିତ ହେଉଅଛି; ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟ ଆଦର୍ଶରେ ଭିନ୍ନ ଭିନ୍ନ ସ୍ଥାନରେ ସ୍କୁଲ ପ୍ରତିଷ୍ଠା ମଧ୍ୟ ହେଉଅଛି । ଏଇ ସବୁ କାର୍ଯ୍ୟ ଦ୍ୱାରା ଅଧିକାଧିକ ଭାବେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ହେବ । ଏହାଦ୍ୱାରା ଯେତେ ସଂଖ୍ୟାରେ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବେ ମା'ଙ୍କ ପ୍ରତି ବିଶ୍ୱାସ ରଖିବେ ସେମାନଙ୍କ ମଧ୍ୟରୁ ଅଳ୍ପ ସଂଖ୍ୟାରେ ବ୍ୟକ୍ତି ଆନ୍ତରିକତା ସହ ସାଧନା କରିବେ । ସାଧକମାନଙ୍କ ଅଗ୍ରଗତି ଅନୁସାରେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଏବଂ ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ ରଖିବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବ ତଥା ସେମାନେ ବି ଅଧ୍ୟାତ୍ମ ମାର୍ଗରେ କ୍ରମଶଃ ଅଗ୍ରସର ହେବେ । ଏହି ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେଉଥିବ । ସାଧକମାନେ ପୂର୍ଣ୍ଣ ସିଦ୍ଧିଲାଭ କଲେ ସଂସାର ସ୍ୱର୍ଗରେ ପରିଣତ ହେବ । ଶ୍ରୀଅରବିନ୍ଦଙ୍କ ଯୋଗ ଯେତେ ଅଧିକ ବ୍ୟକ୍ତି ଗ୍ରହଣ କରିବେ ସେତେ ଶୀଘ୍ର ରୂପାନ୍ତର ସିଦ୍ଧି ହେବ ଏବଂ ପୃଥିବୀରୁ ଦୁଃଖ ଦ୍ୱନ୍ଦ୍ୱ ଦୂର ହେବ ।

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଉପଯୋଗୀ ସରଳ ଉପାୟ ଥିଲେ କୁହନ୍ତୁ ।

ଉତ୍ତର : ପ୍ରତ୍ୟେକ ବ୍ୟକ୍ତିର ଉପଯୋଗୀ ତଥା ସବୁଠାରୁ ସରଳ ମାର୍ଗ ହେଲା ଘରେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ଘରର ମାଲିକରୂପେ ମା'ଙ୍କୁ ମାନ । ଘର, ପରିବାର, ସମ୍ପତ୍ତି ସମସ୍ତ ତାଙ୍କରି । ଘରର ସମସ୍ତ କାର୍ଯ୍ୟ ମା'ଙ୍କ ସେବାରୂପେ କରି ମା'ଙ୍କୁ ସମର୍ପଣ କର । ମା'ଙ୍କ ନାମ ନିରନ୍ତର ସ୍ମରଣ କର । ମା' ସବୁ ସମୟରେ ସଙ୍ଗରେ ରହି ରକ୍ଷା କରୁଛନ୍ତି ଧାରଣା କର । ଉପରୋକ୍ତ ଆଲୋଚ୍ୟ ସାଧନାରୁ ଯଦି କେହି ସାମାନ୍ୟ ଅଂଶରେ ମା'ଙ୍କ ପ୍ରତି ବିଶ୍ୱାସ ରଖିପାରେ ତେବେ ସେ ସମସ୍ତ କାର୍ଯ୍ୟରେ ମା'ଙ୍କ ସାହାଯ୍ୟ ପାଏ ଏବଂ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଏ ।

## ତୃତୀୟ ଭାଗ

# ପୃଥିବୀକୁ ଶ୍ରୀମା'ଙ୍କ ଅବଦାନ

ସଂସାରକୁ ମା'ଙ୍କର ଅବଦାନ ହେଲା ପୃଥିବୀକୁ ସ୍ୱର୍ଗରେ ପରିଣତ କରିବା, ପୃଥିବୀରେ ଅତିମାନସ ବିଜ୍ଞାନ ଚେତନା ଏବଂ ଅତିମାନବଜାତି ପ୍ରତିଷ୍ଠା କରିବା । ଏହାର କେନ୍ଦ୍ର ହେଉଛି ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମ । ଏହି ଆଶ୍ରମର ପରିଚାଳିକା ମା' । ତାଙ୍କର ଶିଷ୍ୟ ଓ ଭକ୍ତମାନେ ତାଙ୍କୁ ଗୁରୁ ଏବଂ ଇଷ୍ଟରୂପେ ଗ୍ରହଣ କରିଅଛନ୍ତି । ଦୁଃଖକଷ୍ଟ ଓ ରୋଗରୁ ଉଦ୍ଧାର ପାଇବା ନିମିତ୍ତ ବହୁ ସଂଖ୍ୟକ ନରନାରୀ, ବୃଦ୍ଧ, ବାଳକବାଳିକା ତାଙ୍କର ଆଶ୍ରିତ । ଆମ୍ଭେମାନେ ନିଜ ଭୌତିକ ଦୃଷ୍ଟିରେ ଏହାହିଁ ଦେଖୁଁ; କିନ୍ତୁ ତାଙ୍କର ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ ବିଚାର କରୁ ନାହୁଁ କି ଜାଣିବାର ସାମର୍ଥ୍ୟ ନାହିଁ । ତାଙ୍କର ଯଥାର୍ଥ ସ୍ୱରୂପ ଜାଣିପାରିବା ଯେବେ ତାଙ୍କୁ ପ୍ରାପ୍ତ ଥିବା ଅତିମାନସ ଚେତନାରେ ପହଞ୍ଚି ପାରିବା । ତା' ପୂର୍ବରୁ ଯଦି ତାଙ୍କ ଉପରେ ବିଶ୍ୱାସ ଭରସା ରଖି ତାଙ୍କରି ଚରଣରେ ନିଜକୁ ସମର୍ପଣ କରିଦେଇ ପାରିବା ତେବେ ସ୍ଥୂଳ ଓ ସୂକ୍ଷ୍ମ ଜଗତର ସମସ୍ତ ବାଧା ବିପତ୍ତିରୁ ତାଙ୍କରି ଶକ୍ତିରେ ରକ୍ଷା ପାଇ ଜୀବନର ଲକ୍ଷ୍ୟ ମନ-ପ୍ରାଣ-ଶରୀରର ରୂପାନ୍ତର, ରୋଗ-ଜରା-ମୃତ୍ୟୁରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକତ୍ୱ ଲାଭ କରି ପାରିବା ଏବଂ ଭଗବାନଙ୍କ ସଂକଳ୍ପରେ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇପାରିବା । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ସିଦ୍ଧି ନିମିତ୍ତ ଭଗବାନଙ୍କ ସୃଷ୍ଟି ।

ଭଗବାନ୍ ଏକ, ଅଦ୍ୱିତୀୟ । ମନ-ବାଣୀ-ଅଗୋଚର ସଚ୍ଚିଦାନନ୍ଦ ତତ୍ତ୍ୱ ଏବଂ ସେ ବହୁରୂପେ ପ୍ରକଟ ହୋଇ ଲୀଳା କରନ୍ତି । ତାଙ୍କ ଛଡ଼ା ଅନ୍ୟ କିଛି ନାହିଁ । ସେ ସଂକଳ୍ପର ଊର୍ଦ୍ଧ୍ୱରେ । ତାଙ୍କ କର୍ମ ମାନୁଷୀ ବୁଦ୍ଧିର ଅଗମ୍ୟ ।

ସେ ସୃଷ୍ଟିରେ ନିଜକୁ ପ୍ରକଟ କରିବା ନିମିତ୍ତ ଏକେବାରେ ଜଡ଼ରେ ପରିଣତ ହୋଇଗଲେ । ନିଜ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବୃକ୍ଷଲତା, ପଶୁପକ୍ଷୀ ମଧ୍ୟଦେଇ ମନବିଶିଷ୍ଟ ମନୁଷ୍ୟରେ ପରିଣତ ହେଲେ । ମନର ବିକାଶ ଶେଷ ସୀମାରେ ପହଞ୍ଚି ସାରିଛି । ଏହାର ପ୍ରମାଣ ହେଉଛି ନୈତିକତାର ଅଧଃପତନ । ଏହାପରେ ହେବ ସର୍ବଜ୍ଞାନସମ୍ପନ୍ନ ରୋଗ, ମୃତ୍ୟୁ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ଅତିମାନବ ଜାତିର ପ୍ରତିଷ୍ଠା । ଏହାହିଁ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି । ଶ୍ରୀଅରବିନ୍ଦ ପ୍ରାଚ୍ୟର ପ୍ରତିନିଧି ହୋଇ ଭାରତରେ ଅବତାର ନେଲେ, ମା' ଇଉରୋପର ପ୍ରତିନିଧିରୂପେ ଆବିର୍ଭୂତା ହେଲେ ଫ୍ରାନ୍ସରେ । ଶ୍ରୀଅରବିନ୍ଦଙ୍କ ସଙ୍ଗେ ମା'ଙ୍କର ସାକ୍ଷାତ୍ ହେବା ପୂର୍ବରୁ ପୃଥିବୀରେ ଭଗବାନଙ୍କ ସଂକଳ୍ପ ପ୍ରତିଷ୍ଠା କରିବା ମା'ଙ୍କ ଯେଉଁ ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ଥିଲା, ତଦନୁରୂପ ଥିଲା ଶ୍ରୀଅରବିନ୍ଦଙ୍କର । ଶ୍ରୀଅରବିନ୍ଦ ଥିଲେ ବିଭୁ, ମା' ଥିଲେ ଶକ୍ତି । ଉଭୟଙ୍କର କର୍ମକ୍ଷେତ୍ର ଭାରତ ।

ଶ୍ରୀଅରବିନ୍ଦ ୧୯୧୦ ସାଲରେ ସ୍ଥୂଳରୂପେ ରାଜନୈତିକ କାର୍ଯ୍ୟରୁ ଅପସରି ଯାଇ ପଣ୍ଡିଚେରୀ ଆସି ଚାରି, ପାଞ୍ଚଜଣ ସାଥୀଙ୍କ ସହ ଅଧ୍ୟାତ୍ମ ସାଧନାରେ ରତ ହେଲେ । ମା' ୧୯୧୪ ସାଲରେ ଭାରତ ଆସି ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କଲେ । ଏହିଠାରୁ ଆରମ୍ଭ ହେଲା ଭାରତର ଅଧ୍ୟାତ୍ମ ସତ୍ୟ ତଥା ୟୁରୋପର କର୍ମର ମିଳନର ସୂତ୍ରପାତ । ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ କର୍ମଧାରା ହେଲା ଆରମ୍ଭ ଏବଂ ''ଆର୍ଯ୍ୟ'' ପତ୍ରିକାର ପ୍ରକାଶ । ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁଁ ୧୯୧୪ରେ ମା'ଙ୍କୁ ଫ୍ରାନ୍ସ ଫେରିଯିବାକୁ ପଡ଼ିଲା । ପରେ ୧୯୨୦ ସାଲରେ ପଣ୍ଡିଚେରୀ ଆସି ଆଶ୍ରମରେ ସ୍ଥାୟି ଭାବରେ ରହିଲେ ।

ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବା ଶ୍ରୀଅରବିନ୍ଦଙ୍କର ଯେଉଁ ଉଦ୍ଦେଶ୍ୟ ଥିଲା ତାହାର ଭିତ୍ତି ମା'ଙ୍କ ଦ୍ୱାରା ସ୍ଥାପିତ ହେଲା ୧୯୧୪ ମସିହାରେ । କିନ୍ତୁ ମା'ଙ୍କ ଅନୁପସ୍ଥିତି ଯୋଗୁଁ ମା'ଙ୍କ ପୁନରାଗମନକୁ ଅପେକ୍ଷା କରି ରହିଥିଲା । ୧୯୨୦ ମସିହାରେ ମା'ଙ୍କ ପୁନରାଗମନ ସଙ୍ଗେ ସଙ୍ଗେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ଆଶ୍ରମ ପ୍ରତିଷ୍ଠିତ ହେଲା । ଏହା

ପରଠାରୁ ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ କର୍ମଧାରାର ସୂତ୍ରପାତ ହେଲା । ଭଗବତ୍‌ପ୍ରାପ୍ତିକାମୀ ସାଧକମାନଙ୍କର ସଂଖ୍ୟା କ୍ରମଶଃ ବଢ଼ିବାକୁ ଲାଗିଲା । ୧୯୨୬ ମସିହା ନଭେମ୍ବର ତା ୨୪ରିଖରେ ପ୍ରାପ୍ତହେଲା ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସିଦ୍ଧି । ଅଧିମାନସ ଚେତନା ବା ଶ୍ରୀକୃଷ୍ଣଙ୍କ ଚେତନାର ପ୍ରତିଷ୍ଠା ଯଦ୍ୱାରା ରୂପାନ୍ତରକାରୀ ଅତିମାନସ ଚେତନା ପ୍ରାପ୍ତିର ମାର୍ଗ ଉନ୍ମୋଚନ ହେଲା ।

ଏହି ସିଦ୍ଧି ଦିବସ ୧୯୨୬ ମସିହା ୨୪ ନଭେମ୍ବରଠାରୁ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶକ୍ରମେ ମା' ଆଶ୍ରମର ଯାବତୀୟ ପରିଚାଳନା ତଥା ସାଧକମାନଙ୍କର ବସବାସ ଏବଂ ଅଧ୍ୟାତ୍ମ ସାଧନାର ଭାର ଗ୍ରହଣ କଲେ । ଶ୍ରୀଅରବିନ୍ଦ ନିର୍ଜନ କକ୍ଷରେ ସାଧନାରେ ରତ ହେଲେ । ଏହାପରେ କେତେକ ସାଧକଙ୍କ ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବରେ ଯାହା ଲେଖିଥିଲେ ତାହାର ଭାବାର୍ଥ ହେଲା,– ''ଏହି ବ୍ୟବସ୍ଥା ସାମୟିକ ନୁହେଁ, ସ୍ଥାୟୀ । ଯେଉଁମାନେ ମା'ଙ୍କୁ ଗ୍ରହଣ ନ କରିବେ ସେମାନେ ମୋତେ ବି ଗ୍ରହଣ କରି ପାରିବେ ନାହିଁ ।'' ଯଥାର୍ଥରେ ଶ୍ରୀମା ଶ୍ରୀଅରବିନ୍ଦ ଏକ ତତ୍ତ୍ୱ; ଶ୍ରୀଅରବିନ୍ଦଙ୍କ କ୍ରିୟାତ୍ମିକା ଆଦ୍ୟାଶକ୍ତି ହେଲେ ମା' । ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ନିମିତ୍ତ ସେହି ଏକହିଁ ତତ୍ତ୍ୱ ଦୁଇ ରୂପରେ ହେଲେ ପ୍ରକଟିତ ।

ଶ୍ରୀମା ଶ୍ରୀଅରବିନ୍ଦ ଏଇ ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ନିମିତ୍ତ କ'ଣ ସାଧନା କରିଥିଲେ ? ଏ ବିଷୟରେ କୌଣସି ବ୍ୟକ୍ତି କହିବାରେ ଯେପରି ଅସମର୍ଥ, ଅନ୍ୟ ବ୍ୟକ୍ତି ତାହା ବୁଝିବା ଏବଂ ବିଶ୍ୱାସ କରିବାରେ ମଧ୍ୟ ତଦପେକ୍ଷା ଅଧିକ ଅସମର୍ଥ । ବ୍ୟକ୍ତି ସ୍ୱୀୟ ସାଧନା ଦ୍ୱାରା ସେହି ଚେତନାରେ ଉପନୀତ ନ ହେଲେ ସଂସାରକୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅବଦାନ କଳ୍ପନା କରିବା ମହାନ୍ କଠିନ । ତଥାପି ମଶା ଆକାଶର ବିସ୍ତୃତିକୁ ମାପିବା ସଦୃଶ ଆମ୍ଭେମାନେ ବି ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାଧନା ସମ୍ବନ୍ଧରେ ନିଜ ସୀମିତ ମନ-ବୁଦ୍ଧିରେ ଅନୁମାନ କରି କିଛିଟା ସନ୍ତୋଷ ଲାଭ କରିବା ।

ସାଧାରଣ ବାହ୍ୟ ଦୃଷ୍ଟିରେ ଶ୍ରୀଅରବିନ୍ଦ ଗୋଟିଏ ଏକାନ୍ତ କକ୍ଷରେ ବସି ଅଧ୍ୟାତ୍ମ ସାଧନାର ପରମାନନ୍ଦରେ ବୁଡି ରହୁଥିଲେ, ମା' ସେଇ ଆନନ୍ଦରେ ନିବାସ କରି ଆଶ୍ରମର ସମସ୍ତ ପରିଚାଳନା କରୁଥିଲେ । ଆମ୍ଭେମାନେ ଏହାହିଁ ଜାଣୁ । କିନ୍ତୁ ଯଥାର୍ଥରେ ଏହା ଏପରି ନ ଥିଲା, ଥିଲା ଭଗବତ୍ ଦିବ୍ୟାନନ୍ଦ ପ୍ରାପ୍ତି ଏବଂ ସେହି ସଙ୍ଗେ ଥିଲା ଦିବାରାତ୍ର ମହାନ୍ ସଂଗ୍ରାମ । ସମଗ୍ର ବିଶ୍ୱ ହେଉଛି ରୋଗ, ମୃତ୍ୟୁ, ଜରା, ଅଜ୍ଞାନ, ହିଂସା, ସ୍ୱାର୍ଥ ଆଦି ମହାନ୍ ଅଜେୟ ଆସୁରୀ ଶକ୍ତିଙ୍କର ଆବାସସ୍ଥଳ, ଯେଉଁ ଶକ୍ତିବିଧାନକୁ ଭଗବତ୍ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ ଏବଂ ମୁନି, ଋଷି, ମହାପୁରୁଷମାନଙ୍କୁ ମାନିନେବାକୁ ହୋଇଥିଲା । ଏହିସବୁ ଶକ୍ତିର ଅଧିକାର ସୃଷ୍ଟି ଆରମ୍ଭରୁ ବିଶ୍ୱରେ ପ୍ରତିଷ୍ଠା ହୋଇଅଛି ଏବଂ ଏହି ଶକ୍ତିସବୁ ଏକଛତ୍ର ରାଜ୍ୟରୂପେ ବିଶ୍ୱକୁ ଶାସନ କରୁଅଛନ୍ତି । ଏସବୁର ଅଧିକାରକୁ ବିଚ୍ଛିନ୍ନ କରି ଏମାନଙ୍କ ଉପରେ ଅଧିକାର ବିସ୍ତାର କରିବା, ଏସବୁକୁ ରୂପାନ୍ତର କରି ଭାଗବତ ଶକ୍ତି ଦ୍ୱାରା ପରିଚାଳିତ କରିବା ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ । ଶାସନ କରୁଥିବା ଶକ୍ତି ନିଜେ ଶାସିତ ହେବା ତା' ପକ୍ଷରେ ମହାନ୍ ଅସହ୍ୟ । ସେଥିପାଇଁ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗକୁ ବ୍ୟର୍ଥ କରିଦେବା ଉଦ୍ଦେଶ୍ୟରେ ଅନ୍ୟାୟ ଅସତ୍ୟ ପ୍ରେରଣା ଦେଇ ସଂସାର ଏବଂ ସମାଜକୁ ଅଧିକାର କରିନେଲେ ଏବଂ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ସତ୍ୟ ମନୁଷ୍ୟ ମଧ୍ୟରେ ପ୍ରବେଶ କରିବାର ପଥ ଦୃଢ଼ ଭାବରେ ବନ୍ଦ କରିଦେଲେ । ଏହା ସଙ୍ଗେ ସଙ୍ଗେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆନ୍ତରିକ ସାଧନା ମାର୍ଗରେ ବାଧା ବିପତ୍ତିର ପାହାଡ଼ ଛିଡ଼ା କରାଇଦେଲେ ତଥା ବାହ୍ୟରୂପେ ଅନ୍ୟ ଲୋକଙ୍କୁ ଯନ୍ତ୍ର କରି ପଣ୍ଡିଚେରୀରୁ ଶ୍ରୀଅରବିନ୍ଦଙ୍କୁ ବିତାଡ଼ିତ କରି ତାଙ୍କ ଜୀବନ ସମାପ୍ତ କରିଦେବାକୁ, ଆଶ୍ରମ ନଷ୍ଟ କରିଦେବାକୁ ଚାହିଁଥିଲେ । ବାହ୍ୟ ଏବଂ ଆନ୍ତରିକ ବହୁ ଘଟନାରୁ ଏହା ଏକେବାରେ ସ୍ପଷ୍ଟ ହୋଇଅଛି । ଶ୍ରୀଅରବିନ୍ଦଙ୍କୁ ଏଠାରୁ ନେଇ ବହୁ ଦୂର ବିଦେଶରେ ବିଶ୍ୱଯୁଦ୍ଧ ଭୂମିରେ ହତ୍ୟା କରାଇବା ଏବଂ ଆଶ୍ରମକୁ ଭାଙ୍ଗି ଦେବାର ଚେଷ୍ଟା ଇତ୍ୟାଦି ଅନେକ ଥର ହୋଇଛି ଏବଂ ବିରୋଧିଶକ୍ତିସବୁ ବ୍ୟକ୍ତି ମଧ୍ୟରେ ହିଂସା, ସ୍ୱାର୍ଥ ପ୍ରେରଣା ଦେଇ ବାରଂବାର ଯୁଦ୍ଧ କରାଇ ବିଶ୍ୱକୁ ଧ୍ୱଂସ କରିବାକୁ ପ୍ରଯତ୍ନ କରି ଅଛନ୍ତି । ବିରୋଧିଶକ୍ତିଙ୍କ ଏହିସବୁ ଆକ୍ରମଣର ସମ୍ମୁଖୀନ ହେବା ନିମିତ୍ତ ଶ୍ରୀଅରବିନ୍ଦ ବାହ୍ୟ କର୍ମରୁ ନିବୃତ୍ତ ହୋଇ ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେଲେ ଏବଂ ମା' ସଂସାର ତଥା ସାଧକମାନଙ୍କ ବାହ୍ୟକର୍ମକୁ ନିୟନ୍ତ୍ରଣ କରି ବିରୋଧିଶକ୍ତିଙ୍କ ବାହ୍ୟ ଆକ୍ରମଣରୁ ଜଗତ ତଥା ଆଶ୍ରମକୁ ରକ୍ଷା କଲେ । ଏହି ଦୁଇଜଣଙ୍କୁ

ବ୍ୟକ୍ତିଗତ ସୁଖ-ଶାନ୍ତିରେ ରହିବାକୁ ହେଉ ନ ଥିଲା । ଦିବାରାତ୍ରି ଅହରହ ବିରୋଧିଶକ୍ତିଙ୍କ ସହିତ ଯୁଦ୍ଧ କରି ଲକ୍ଷ୍ୟ ଦିଗରେ ବହୁ କଷ୍ଟରେ ଅଗ୍ରସର ହେବାକୁ ହେଉଥିଲା ।

ଶ୍ରୀଅରବିନ୍ଦ ବହୁ ବାଧାବିଘ୍ନ ଅତିକ୍ରମ କରି ଅତିମାନସ ଚେତନାରେ ଉପନୀତ ହେଲେ ଏବଂ ସେହି ଅତିମାନସ ଶକ୍ତି ଦ୍ୱାରା ଏହି ପୃଥିବୀରେ ଶାସନ କରୁଥିବା ଆସୁରୀ ଶକ୍ତିକୁ – କାମ, କ୍ରୋଧ, ମୋହ, ସ୍ୱାର୍ଥ, ହିଂସା, ମୃତ୍ୟୁ, ରୋଗ, ବୃଦ୍ଧତ୍ୱକୁ – ରୂପାନ୍ତର କରିବା ସକାଶେ ଅତିମାନସକୁ ଊର୍ଦ୍ଧ୍ୱରୁ ଏହି ପୃଥିବୀ ଉପରକୁ ଭୌତିକ ଜଡ଼ ଶରୀରରେ ଉତାରି ଆଣିବାକୁ ଚେଷ୍ଟା କଲେ । ମୃତ୍ୟୁ, ହିଂସାଦି ଅଜେୟ ଆସୁରୀ ଶକ୍ତି ଅନ୍ୟ କୌଣସି ଶକ୍ତି ଦ୍ୱାରା ରୂପାନ୍ତର ହୁଅନ୍ତି ନାହିଁ, ହୁଅନ୍ତି କେବଳ ଅତିମାନସ ଶକ୍ତି ଦ୍ୱାରା । ଏହି ଆସୁରୀ ଶକ୍ତିଙ୍କ ରାଜତ୍ୱ ଏହି ପୃଥିବୀରେ । ପୃଥିବୀ ଆରମ୍ଭରୁ ଏହି ସବୁ ଶକ୍ତି ଦ୍ୱାରା ପୃଥିବୀ ଶାସିତ ହେଉଅଛି । ମନୁଷ୍ୟର ସୁଖ ପୃଥିବୀରେ ଆସୁରୀ ଶକ୍ତିଙ୍କ ସ୍ୱଭାବର ବିପରୀତ ଏବଂ ଅସହ୍ୟ । ନିଜ ଅଧିକାରକୁ ଏବଂ ପୃଥିବୀରେ ଦୁଃଖକଷ୍ଟକୁ ବଜାୟ ରଖିବା ନିମିତ୍ତ ଅତିମାନସ ଶକ୍ତିର ଅବତରଣ ପଥ ରୁଦ୍ଧ କରିବା ଉଦ୍ଦେଶ୍ୟରେ ଏହି ବିରୋଧୀ ଶକ୍ତିମାନେ ସଦଳବଳେ ଚେଷ୍ଟାକଲେ । ସାଧାରଣତଃ ସଂସାରୀ ବ୍ୟକ୍ତି ମଧ୍ୟରେ ସ୍ୱାର୍ଥ, ଅହଂ, ହିଂସା ବିଦ୍ୟମାନ । ବିରୋଧୀ ଶକ୍ତିଙ୍କ ପ୍ରବେଶର ଏହାହିଁ ପଥ । ଏହି ପଥରେ ବିରୋଧୀ ଶକ୍ତି ଅଧିକାଂଶ ବ୍ୟକ୍ତିଙ୍କ ମଧ୍ୟରେ ପ୍ରବେଶ କରି ସେମାନଙ୍କ ଅନ୍ତରରେ କମ୍ ସକ୍ରିୟ ଥିବା ଅସଦ୍‌ଗୁଣ କାମ, କ୍ରୋଧ, ମୋହ, ଲୋଭ, ହିଂସା ତଥା ସ୍ୱାର୍ଥକୁ ତୀବ୍ରଭାବେ କ୍ରିୟାଶୀଳ କରାଇଦେଲେ । ସଂସାରରେ ବିସ୍ତାରିତ ହେଲା ଅସତ୍ୟ, ଅନ୍ୟାୟ । ସଂସାରର ବହୁ କମ୍ ବ୍ୟକ୍ତିଙ୍କୁ ବାଦ୍ ଦେଲେ ସମସ୍ତ ବ୍ୟକ୍ତି ହିଂସା ଏବଂ ସ୍ୱାର୍ଥ ପରାୟଣ । ଏହିମାନେ ହେଲେ ଆସୁରୀ ଶକ୍ତିର ଯନ୍ତ୍ର ଏବଂ ଅତିମାନସ ଶକ୍ତିର ଅବତରଣର ପଥ ଅବରୋଧ-କାରୀ । ଫଳରେ ପୃଥିବୀ ବାରଂବାର ଧ୍ୱଂସର ସମ୍ମୁଖୀନ ହେଲା । ଏହି ଅବସ୍ଥାରେ ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରିଥିଲେ ଆସୁରୀ ଶକ୍ତିର ଯନ୍ତ୍ର ବ୍ୟକ୍ତିମାନେ ବିଶ୍ୱବ୍ୟାପୀ ଯୁଦ୍ଧ କରି ସଂସାରକୁ ଧ୍ୱଂସ କରିଥା'ନ୍ତେ । ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରିବା ନିମିତ୍ତ ଶ୍ରୀଅରବିନ୍ଦ ପୃଥିବୀର ପ୍ରତିନିଧି ହୋଇ ବିରୋଧିଶକ୍ତିର ସମସ୍ତ ଆକ୍ରମଣକୁ ନିଜ ଶରୀରରେ ନେଇ ଶରୀର ତ୍ୟାଗ କଲେ ଏବଂ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇଲେ । ତାଙ୍କ ଶରୀର ତ୍ୟାଗ ପରେ ଅତିମାନସ ଜ୍ୟୋତିଃର ସ୍ପର୍ଶ ଯୋଗୁଁ ତାଙ୍କ ଶରୀର ପାଞ୍ଚଦିନ ପର୍ଯ୍ୟନ୍ତ ଜ୍ୟୋତିର୍ମୟ ହୋଇ ବିଦ୍ୟମାନ ଥିଲା । ଏ ବିଷୟରେ ଡାକ୍ତର ସାନ୍ୟାଲ ବିଶଦଭାବେ ଲେଖିଛନ୍ତି ''A Call from Pondicherry'' ପୁସ୍ତକରେ । ଜଗତକୁ ସ୍ୱର୍ଗରେ ପରିଣତ କରିବା, ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା ନିମିତ୍ତ ଶ୍ରୀଅରବିନ୍ଦ ଜୀବନସାରା ଦୁଃଖକଷ୍ଟ ବିପଦକୁ ବରଣ କରି ଶେଷରେ ନିଜ ଶରୀର ଉତ୍ସର୍ଗ କଲେ । ସେଇ ଅତିମାନସ ଶକ୍ତିକୁ ଧାରଣ କଲେ ମା' ।

ପୂର୍ବେ ଆଲୋଚିତ ହୋଇଛି ମା' ଓ ଶ୍ରୀଅରବିନ୍ଦ ଏକ ତତ୍ତ୍ୱ । କେବଳ ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ନିମିତ୍ତ ଦୁଇ ରୂପରେ ପ୍ରକଟ ହୋଇଥିଲେ । ଶ୍ରୀଅରବିନ୍ଦ ସ୍ଥୂଳ ଶରୀର ତ୍ୟାଗ କରି ସୂକ୍ଷ୍ମ ଶରୀରରେ ଏହି ପୃଥିବୀ ବାତାବରଣରେ ରହି ମା'ଙ୍କୁ ସାହାଯ୍ୟ କଲେ । ମା' ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ କଲେ । ମା' ଅତିମାନସ ଶକ୍ତିକୁ ଧାରଣ କରି ତାହାରି ପ୍ରଭାବରେ ବିରୋଧିଶକ୍ତିଙ୍କ ଦ୍ୱାରା ପୃଥିବୀ ଧ୍ୱଂସ ଉଦ୍ୟମକୁ ବ୍ୟର୍ଥ କରୁଥିଲେ । ଅତିମାନସ ଶକ୍ତି ଅନୁକୂଳ ଅବସ୍ଥାରେ ଏହି ପୃଥିବୀରେ କ୍ରିୟାଶୀଳ ହେବା ନିମିତ୍ତ ୧୯୫୬ ମସିହା ଫେବ୍ରୁଆରି ୨୯ ତାରିଖରେ ପ୍ରକାଶ ହେଲା ଏବଂ ସମଗ୍ର ପୃଥିବୀରେ ତଥା ମା'ଙ୍କ ଶରୀରରେ ରୂପାନ୍ତର କାର୍ଯ୍ୟ କରିବାକୁ ଆରମ୍ଭ କଲା । ବିରୋଧିଶକ୍ତିଙ୍କ ଆକ୍ରମଣ ଫଳରେ ଯେବେ ଯେବେ ପୃଥିବୀ ଧ୍ୱଂସର ସମ୍ମୁଖୀନ ହେଉଥିଲା, ସେହି ଅତିମାନସ ଶକ୍ତି ରକ୍ଷା କରି ଆସୁଥିଲା ।

ମା' ହେଉଛନ୍ତି ପୃଥିବୀର ପ୍ରତିନିଧି । ମା'ଙ୍କର ମନ-ପ୍ରାଣ-ଶରୀର ସମସ୍ତ ସତ୍ତା ଭଗବାନ୍ ଏବଂ ଭଗବତ୍ ପ୍ରଘଟ ରୂପ ଏହି ଜଗତ୍ ସହିତ ଏକ । ମା'ଙ୍କ ଶରୀରରେ ଯେଉଁ ରୂପାନ୍ତର ହେବ ତାହା ହେବ ଜଗତ୍ ପ୍ରକୃତିର । ସେଥିପାଇଁ ମା' ଜଗତର ସକଳ ଦୁଃଖ, କଷ୍ଟ ତଥା ଆସୁରୀ ଶକ୍ତିର ବିରୋଧକୁ ନିଜ ଶରୀରରେ ନେଇ ସେସବୁକୁ ସହ୍ୟ କରୁଅଛନ୍ତି ଏବଂ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରୁଅଛନ୍ତି । ସମସ୍ତ ସଂସାରର ଦୁଃଖ, କଷ୍ଟ ବହନ କରି ଚାଲିଛନ୍ତି

ମା'। ମା'ଙ୍କର ନିଜ ଶରୀର ସକାଶେ ବା ନିଜ ସକାଶେ ରୂପାନ୍ତରର ଆବଶ୍ୟକ ନାହିଁ— ମା' କରୁଛନ୍ତି ଜଗତ୍ ସକାଶେ। ମା'ଙ୍କ ଶରୀରରେ ଯେଉଁ ସତ୍ତା ରୂପାନ୍ତରିତ ହେଉଛି ତାହା ହେଉଛି ବିଶ୍ୱ-ପ୍ରକୃତିରେ। ମା'ଙ୍କ ଶରୀରର ରୂପାନ୍ତର ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେଉଥିବ; ଏବଂ ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇଥିବା ବ୍ୟକ୍ତି ନିଜ ଉନ୍ମୁକ୍ତତା ଅନୁପାତରେ ସାଧନା-ମାର୍ଗରେ ଅଗ୍ରସର ହେଉଥିବେ। ମା'ଙ୍କ ଶରୀରରେ ରୂପାନ୍ତର ପୂର୍ଣ୍ଣ ହେଲେ ସଂସାରରୁ ଅସତ୍ୟ, ଅନ୍ୟାୟ ପୂର୍ଣ୍ଣରୂପେ ଦୂର ହେବ, ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା ହେବ। ଏହି ମୃତ୍ୟୁପୁରୀ ପରିଣତ ହେବ ସ୍ୱର୍ଗରେ। ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ ଏବଂ ଅତିମାନବଜାତି। ଏହାହିଁ ଶ୍ରୀମା ଶ୍ରୀଅରବିନ୍ଦଙ୍କର ପୃଥିବୀକୁ ଅବଦାନ।

ଯେଉଁ ସାଧକମାନେ କେବଳ ମା'ଙ୍କ ପ୍ରତି ବିଶ୍ୱାସ ନିର୍ଭରତା ରଖି ନିଜକୁ ତାଙ୍କ ଚରଣରେ ସମର୍ପଣ କରି ପାରିବେ ସେହିମାନେ ମା'ଙ୍କ ଅତିମାନସ ଛତ୍ରଛାୟାରେ ରହିବେ; ସାମାନ୍ୟ ପ୍ରୟାସରେ ମା'ଙ୍କ ଶକ୍ତି ସାହାଯ୍ୟରେ ସମସ୍ତ ପ୍ରକାର ବାଧା ବିପତ୍ତିକୁ ଅତିକ୍ରମ କରି ମୃତ୍ୟୁ, ରୋଗ, ଜରା, ଅଜ୍ଞାନ, ଦୁଃଖକଷ୍ଟରୁ ପୂର୍ଣ୍ଣ ମୁକ୍ତ ହେବେ; ମନ-ପ୍ରାଣ-ଶରୀର ରୂପାନ୍ତର କରି ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ଲାଭ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବେ ଏବଂ ଲକ୍ଷ୍ୟ ସିଦ୍ଧି କରିପାରିବେ।